## ସଂକ୍ଷେପରେ

### ହାଇମାଷ୍ଟ ଲାଇଟ ଲାଗିଲା, ବିଦ୍ୟୁତ୍ ସଂଯୋଗ ନାହିଁ

ଲୋଇସିଂହା,୨୪।୩( ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡ଼ା ଜଗନ୍ନାଥ ନିକଟରେ ଲାଗିଥିବା ହାଇମାଷ୍ଟ ଲାଇଟ ଦୀର୍ଘ ଦିନ ଧରି ଅଚଳ ହୋଇ ପଡ଼ିଥିଲା। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଲା ପରେ ପ୍ରଶାସନ ତତ୍ପରତା ଦେଖାଇ ନୂତନ ହାଇମାଷ୍ଟ ଲାଇଟ ଲଗାଇଛି। ଇତି ମଧ୍ୟରେ ଦୁଇ ସପ୍ତାହ ବିତିଯାଇଥିଲେ ସୁଦ୍ଧା ବଦ୍ୟୁତ୍ ସଂଯୋଗ ଦିଆ ଯାଇନାହିଁ। ଫଳରେ ସମ୍ପୃକ୍ତ ଅଞ୍ଚଳରେ ଅନ୍ଧକାର ରଜତ୍ୱ କରୁଛି। ବସ୍ତିର ଲୋକେ ରାତି ସମୟରେ ଯିବା ଆସିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ଦିଗରେ ବ୍ଲକ ପ୍ରଶାସନ ପଦକ୍ଷେପ ନେବାକୁ ସଧାରଣରେ ଦାବି ହେଉଛି।

### ୨୪ପ୍ରହର ନାମଯଜ୍ଞ

ସର୍ଗିଗୁଡା,୨୪।୩(ବୈକୁଣ୍ଠ ନାଗ)

ଟିଟିଲାଗଡ଼ ବ୍ଲକ ଲୁଥୁରବନ୍ଧ ଗ୍ରାମରେ ୫୩ତମ ବାର୍ଷିକୀ ୨୪ ପ୍ରହର ଅଖଣ୍ଡ ନାମଯଂଜ୍ଞ ସଂକୀର୍ତ୍ତନ ଆରମ୍ଭ ହୋଇଛି। ଏନେଇ ଗ୍ରାମରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଛି। ପୂଜକ ଭଗବାନ ମିଶ୍ର, ପୂଜା କର୍ତ୍ତା କମଳାକାନ୍ତ ବିଶି ଦାୟିତ୍ୱ ନିର୍ବାହ କରୁଛନ୍ତି। ମିତ୍ରସେନ ବର୍ଗତି, ଖଗେନ୍ଦ୍ର ବର୍ଗତି, ଦିଲୀପ ବିଶି, ବିଜୟ ବିଶି, ରଘୁନାଥ ବିଶି, ମହାଦେବ ବାଗ, ବୈଲୋଚନ ସାହା, ଅଭି ଝାଙ୍କର, ହରିହର ଭୋଇ, ଯୁଧିଷ୍ଠିର ହେର୍ଣ୍ଣା, ଶିବ ବିଶି, ଛନ୍ଦା ଭୋଇ, ମଳୟ ବିଶି କାର୍ଯ୍ୟକ୍ରମ ଆୟୋଜନରେ ସହାୟତା କରୁଛନ୍ତି ।

### ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ପାଟଣାଗଡ,୨୪।୩(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ଏନଏସିସ୍ଥିତ ପାଟଣେଶରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପାଟଣେଶ୍ୱରୀ ମହିଳା ଡିଗ୍ରୀ ମାହାବିଦ୍ୟାଳୟ ଅଧ୍ୟକ୍ଷ ଅମିତାଭ ଠାକୁର ଯୋଗଦେଇ ଛାତ୍ରୀମାନଙ୍କ ଜୀବନରେ ଆତ୍ମରକ୍ଷା ପ୍ରଶିକ୍ଷଣର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଅଧ୍ୟାପିକା ସୁମିତା ମିଶ୍ର ଶିବିରର ଆଭିମୁଖ୍ୟ ବିଷୟରେ କହିଥିବା ବେଳେ ଅଧ୍ୟାପିକା ବାଣିଶ୍ରି ବେହେରା ମଞ୍ଚ ପରିଚାଳନା କରିଥିଲେ।

### ପିର୍‌ତି ଫଗୁନ୍ କବିତା ଆସର

**କଳାକାରଙ୍କୁ ଦିଆଗଲା ସମ୍ମାନ**

ବଲାଙ୍ଗୀର,୨୪।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ତହଁକ କୁସୁମ ପକ୍ଷରୁ ପିର୍‌ତି ଫଗୁନ କବିତା ଆସର ଏବଂ କଳାକାର ସମ୍ମାନ ସମାରୋହ ରବିବାର ସ୍ଥାନୀୟ ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ଶିଶୁ ସାହିତ୍ୟିକ ତଥା ଅନୁଷ୍ଠାନ ସଭାପତି ଗୋପୀନାଥ ଦଣ୍ଡସେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ମନୋରଞ୍ଜନ ଯୋଷୀ, ମୁଖ୍ୟବକ୍ତା କବି ରଞ୍ଜିତ ପଧାନ, ସମ୍ମାନୀତ ଅତିଥିଭାବେ କବି ସୁଶାନ୍ତ ବାଗ, କଣ୍ଠଶିଳ୍ପୀ ନବୀନ କୁଅଁର ଓ ସ୍ୱେଚ୍ଛାସେବୀ ସୋମନାଥ ମିଶ୍ର ଯୋଗ ଦେଇଥିଲେ। ଏହିଅବସରରେ ରାଜୀବ ପ୍ରସାଦ ଭୋଇଙ୍କ କବିତା ସଙ୍କଳନ ପ୍ରେମ୍ ଓ ଧର୍ମେନ୍ଦ୍ର ପଧାନଙ୍କ ଗଳ୍ପ ସଙ୍କଳନ ସବୁ ବରତ ତୁମର ଲାଗିକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୋଶଲୀ ଶର୍ଟ ଫିଲ୍ମ ବଏନାର ସମସ୍ତ କଳାକାର ଏବଂ ଗଣମାଧ୍ୟମ ପ୍ରତିନିଧି ପାର୍ଥ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ କବିତା ଆସର ଅନୁଷ୍ଠିତ ହୋଇଥିଲା। କବି ନିରଞ୍ଜନ ପଣ୍ଡା, ଦିଗାମ୍ବର ନାଏକ, ବୈରାଗୀ ସାହୁ, ଜଗବନ୍ଧୁ ପଟେଲ, ଗୀତାଞ୍ଜଳି ମିଶ୍ର, ବ୍ୟାସଦେବ ପୁରୋହିତ ଯୋଗଦେଇଥିଲେ। କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ମାନସୀ ସାହୁ ଓ ଟିମ୍ ମାନଭଞ୍ଜନ ଗୀତ ପରିବେଷଣ କରିଥିଲେ। ଦିଲୀପ ମିଶ୍ର ସ୍ୱାଗତ ଭାଷଣ ଓ ଅର୍ଜୁନ ସାହୁ ସଭା ସଂଯୋଜନା କରିଥିଲେ। ରାଜେଶ ଦଣ୍ଡସେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମିଳନ ପଣ୍ଡା, ପ୍ରଭାସିନୀ ଭୋଇ, ସୁଦେଷ୍ଣା ମିଶ୍ର, ସାଲିନୀ ସାହୁ, କବିତା ମିଶ୍ର, କୁମରମଣି ସାହୁ, ଗିରିଶ ପାତ୍ର, ପୁଷ୍ପାଞ୍ଜଳି ମେହେର ସହଯୋଗ କରିଥିଲେ।

# କଳା, ସଂସ୍କୃତି ପୁନରୁଦ୍ଧାର ପାଇଁ ଆହ୍ୱାନ

**ଆଦିବାସୀ ଶବର ସମାଜ କାର୍ଯ୍ୟକାରିଣୀ ବୈଠକ**

ପାଟଣାଗଡ,୨୪।୩(ସଚ୍ଚିଦାନନ୍ଦ ମହାକୁର)


ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶିଙ୍କୁ ସ୍ୱାଗତ କରାଯାଉଛି।

ବଲାଙ୍ଗୀର ଜିଲା ପାଟଣାଗଡ ଏନଏସି ଗଡ଼ଭିତର ଯାତ୍ରା ପଡ଼ିଆସ୍ଥିତ ପାଟଣେଶ୍ୱରୀ ଉତ୍ସବ ଭବନରେ ରବିବାର ଆଦିବାସୀ ଶବର(ସହରା) ସମାଜ କାର୍ଯ୍ୟକାରିଣୀ ସଭା ଓ କର୍ମକର୍ତ୍ତା ଚୟନ ହୋଇଯାଇଛି। ଉପଖଣ୍ଡସ୍ତରୀୟ ଶବର ସମାଜ ସଭାପତି ଚନ୍ଦ୍ରମଣି ଶବରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ଯୋଗଦେଇଥିଲେ। ଓଡ଼ିଶା ଆଦିବାସୀ ତାଲିକା ଅନୁସାରେ ରାଜ୍ୟରେ ଚଉଷଠି ଆଦିବାସୀ ସମ୍ପ୍ରଦାୟ ଅଛନ୍ତି। ସେଥିମଧ୍ୟରେ କ୍ରମିକ ସଂଖ୍ୟା ୫୯ରେ ଶବର, ସହରା, ସଓରା, ସଅର, ଜାରା ସଓରା, ଭିମା ସଓରା, ଯଦୁ ସଓରା, ଚୁମୁରା ସଓରା, ଯତି ସଓରା, ଟଙ୍କଳା ସଓରା, କଳାପୀଠିଆ ସଓରା, ବସୁ ସଓରା, ପତର ସଓରା, ଲାଞ୍ଜିଆ ସଓରା, ଓଡ଼ିଆ ସଓରା, ସୁଦ୍ଧ ସଓରା ଅନ୍ୟତମ। ଓଡ଼ିଶାରେ ଶବରମାନଙ୍କ ଜନସଂଖ୍ୟା ୨୦ଲକ୍ଷରୁ ଉର୍ଦ୍ଧ୍ୱ ହୋଇଥିବାବେଳେ ବଲାଙ୍ଗୀର ଜିଲାରେ ସହରା ସମ୍ପ୍ରଦାୟ ଜନସଂଖ୍ୟା ଏକ ଲକ୍ଷରୁ ଅଧିକ। ହେଲେ ଉଚ୍ଚଶିକ୍ଷା, ଅର୍ଥନୈତିକ, ସାମାଜିକ, ରାଜନୈତିକ ବିକାଶ, ସରକାରୀ ନିଯୁକ୍ତି କ୍ଷେତ୍ରରେ ଏହି ସମ୍ପ୍ରଦାୟ ପଛୁଆ ରହିଛି। ଇତିହାସ ଏବଂ କିମ୍ବଦନ୍ତୀ ଅନୁସାରେ ଭଗବାନ ନୀଳମାଧବଙ୍କ ଆଦ୍ୟ ସେବକ ଶବର ରାଜା ବିଶ୍ୱାବସୁଙ୍କ ବଂଶଧର ତଥା ଶବରୀ ନାରାୟଣଙ୍କ ଆଦ୍ୟ ସେବିକା ମାତା ଶ୍ରାବଣା ଶବରୀଙ୍କ ବଂଶଧର ହେଉଛନ୍ତି ବର୍ତ୍ତମାନର ଶବର, ସହରା, ସଓରା, ସଅର ସମ୍ପ୍ରଦାୟ ବୋଲି ବିଶି କହିଥିଲେ। ଶବର ସମ୍ପ୍ରଦାୟର କଳା, ସଂସ୍କୃତି, ଐତିହ୍ୟ, ସ୍ଥାପତ୍ୟ, ଦେବଦେବୀ ପୂଜା ପଦ୍ଧତି, ପ୍ରଥା ପରମ୍ପରା, ସଉରା ଭାଷାର ସୁରକ୍ଷା, ପୁନରୁଦ୍ଧାର, ସଂରକ୍ଷଣ କରିବା ପାଇଁ ସମାଜର ଛାତ୍ରୀଛାତ୍ର, ଯୁବକ, କର୍ମଚାରୀ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ସଭାରେ ଉପଖଣ୍ଡସ୍ତରୀୟ ସହରା ସମାଜ ସଭାପତି ଚନ୍ଦ୍ରମଣି ଶବର, ସମ୍ପାଦକ ସନ୍ତୋଷ ବିଶି, ମହାସଚିବ ସାରଥୀ ବାଗ, କୋଷାଧ୍ୟକ୍ଷ ସବ୍ୟସାଚୀ ବର୍ଗେ, ଉପସଭାପତି ଉତ୍ତର କୁମାର ବାଗ, ବ୍ଲକ ସଭାପତି ଶଶୀଭୂଷଣ ବାରଲେବ, ବେଲପଡା ବ୍ଲକ ସଭାପତି ରାଜକିଶୋର ବର୍ଗେ, ଟିଟିଲାଗଡ଼ ଉପଖଣ୍ଡ ସଭାପତି ଗଜପତି କାଲସାଏ, ବଲାଙ୍ଗୀର ଉପଖଣ୍ଡ ଉପସଭାପତି ବଳଦେବ ଭୋଇ, ଖପ୍ରାଖୋଲ ବ୍ଲକ ସଭାପତି ବସନ୍ତ ନାଗ, ଦିବାକର ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ସହରା ସମାଜର ବିଶିଷ୍ଟ ନେତା ଠାକୁର ଭୋଇ, ଇନ୍ଦ୍ର ଶବର, ଅରକ୍ଷିତ ବନଗୁଲା, ନୃପ ନାଗ, ମହାଦେବ ଶବର,ଯୁଧିଷ୍ଠିର ଭୋଇ, ଡମ୍ବରୁ ବିଶି ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରିଜ୍ ପାର୍ଶ୍ୱ ରାସ୍ତାରୁ ପ୍ୟାକିଂ ପଥର ତାଡ଼ିନେଲେ

ଲୋଇସିଂହା,୨୪।୩(ସୁଶାନ୍ତ ବାରିକ)

ପଡୋଶୀ ସୁବର୍ଣ୍ଣପୁର ଜିଲା କୁମ୍ଭୁଣ୍ଡେ ଗ୍ରାମକୁ ସଂଯୋଗ କରୁଥିବା ସୁକତେଲ ନଦୀ ବ୍ରିଜ ପାର୍ଶ୍ୱ ପଥର ପ୍ୟାକିଂକୁ ତାଡି ନିଆଯାଉଛି। କେତେଜଣ ବ୍ୟକ୍ତି ପଥର ତାଡି ଟ୍ରାକ୍ଟର ଯୋଗେ ଅନ୍ୟତ୍ର ନେଇ ଯାଉଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା ବ୍ରିଜ ପାର୍ଶ୍ୱ ରାସ୍ତାର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ଷାହେଲେ ମାଟିଅତଡା ଧସି ଅପ୍ରୋଚ ରାସ୍ତା ଧୋଇ ହୋଇଯିବା ଆଶଙ୍କା ସୃଷ୍ଟି କରିଛି। ପୁଇଁତଳା ବ୍ଲକ ବିଲାଇସର୍ଡାରୁ ସୁବର୍ଣ୍ଣପୁର ଜିଲା କୁମ୍ଭୁଣ୍ଡେକୁ ସଂଯୋଗ ପାଇଁ ସୁକତେଲ ନଦୀ ଉପରେ ଏକ ବ୍ରିଜ ନିର୍ମାଣ ହୋଇଛି। ହେଲେ ନିମ୍ନମାନର କାମ ହୋଇଥିବାରୁ ପୋଲର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ଅଧିବାସୀ । ଏଭଳି ସ୍ଥଳେ ବ୍ରିଜର ଡାହଣ ପାର୍ଶ୍ୱ ଆପ୍ରୋଚ ରାସ୍ତାର ପଥର ପ୍ୟାକିଂକୁ ଖୋଳାଯାଉଥିବା ରବିବାର ଦେଖିବାକୁ ମିଳିଥିଲା। ହେଲେ କେଉଁ କାରଣରୁ ଖୋଳାଯାଉଛି ତାହାର କୌଣସି ସନ୍ତୋଷଜନକ ଉତ୍ତର ଖୋଳୁଥିବା ଲୋକେ ଦେଇ ପାରି ନ ଥିଲେ। ଏ ସମ୍ପର୍କରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଓ ସରପଞ୍ଚ ବିପିନ ନାଗଙ୍କୁ କହିଛନ୍ତି ସମ୍ପୃକ୍ତ ଅଞ୍ଚଳରେ ଏକ ଶବଦାହ କେନ୍ଦ୍ର ରହିଛି। ଲୋକେ ସେଠାରେ ସ୍ନାନ କରୁଥିବାବେଳେ ପାହାଚ ନ ଥିଲା। ଅସୁବିଧା ଦୂର ପାଇଁ ସେହି ସ୍ଥାନରେ ୧୦ ଫୁଟର ଏକ ପାହାଚ ନିର୍ମାଣ ପାଇଁ ତେଲ ଜଳସେଚନ ବିଭାଗକୁ ପ୍ରସ୍ତାବ ଦିଆଯାଇଥିଲା । ଅନୁଦାନ ମିଳିବା ପରେ ପାହାଚ କାମ ପାଇଁ ପଥର ପ୍ୟାକିଂ ହଟାଯାଉଛି । ପଥର ଚୋରି ହେଉ ନ ଥିବା ସେ କହିଛନ୍ତି।


କୁମ୍ଭୁଣ୍ଡେ–ବିଲାଇସର୍ଡା ପୋଲ ଆପ୍ରୋଚ ରାସ୍ତାପାର୍ଶ୍ୱ ପଥର ପ୍ୟାକିଂ ଖୋଲାଯାଉଛି।

## ବୁଢେଲ ଦୋଳ ମହୋତ୍ସବରେ କଂସ ଦରବାର


ଆୟୋଜିତ କଂସ ଦରବାରରେ ବିଧାୟକ ନରସିଂହ ମିଶ୍ର ଓ ଅନ୍ୟ ଅତିଥି।

ବଲାଙ୍ଗୀର,୨୪।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୁଇଁତଳା ବ୍ଲକ ବୁଢେଲ ଗାଁରେ ୬୬ତମ ଦୋଳ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ କଂସ ଦରବାର ଆୟୋଜନ କରାଯାଇଥିଲା। ଶନିବାର ଦରବାରର ତୃତୀୟ ସାନ୍ଧ୍ୟ ସଭା ଅତିଥିଭାବେ ବିଧାୟକ ନରସିଂହ ମିଶ୍ର ଯୋଗ ଦେଇଥିଲେ। ବିଧାୟକ ମିଶ୍ର କହିଥିଲେ ଯେ, ରାଜ୍ୟରେ ଛାତ୍ର, ଯୁବକ, କୃଷକ, ଶ୍ରମିକ ସମସ୍ତ ଅସୁରକ୍ଷିତ ହୋଇପଡିଛନ୍ତି। ଆଞ୍ଚଳିକ ବୈଷମ୍ୟ ବଢି ବଢି ଚାଲିଛି। ଯଦି ଏହା ଜାରି ରହେ ତେବେ ରାଜ୍ୟ ଦୁଇ ଭାଗ ହୋଇଯିବ। ତେଣୁ ସରକାର ତୁରନ୍ତ ରାଜ୍ୟର ବିକାଶ ପାଇଁ ପଦକ୍ଷେପ ନିଅନ୍ତୁ ଏବଂ ଏଦିଗରେ କଂସ ମହାରାଜ ମଧ୍ୟ ସରକାରଙ୍କୁ ନିର୍ଦ୍ଦେଶ କରନ୍ତୁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସ୍ମାରକ ରଞ୍ଜନ ମିଶ୍ର, ଜିଲା କିଶାନ ସେଲ ଅଧ୍ୟକ୍ଷ ସାନନ୍ଦ ମିଶ୍ର, ଦଳିତ ନେତା ଓମ୍ ପ୍ରକାଶ କୁମ୍ଭାର, ଉମାକାନ୍ତ ସାହୁ, ମନମୋହନ ପଟେଲ ଅତିଥି ଭାବେ ଯୋଗ ଦେଇଥିଲେ। ବଂଶୀଧର ନାଏକ ଓ ଶୋଭାବନ ନାଏକ ମଞ୍ଚ ପରିଚାଳନା କରିଥିଲେ। ଗୌନ୍ତିଆ ଗିକେଶ୍ୱର ସାଏ, ପ୍ରହଲ୍ଲାଦ ଡାଙ୍ଗ, ମହାଦେବ ଡୁମ୍ବନିଆ, ନାରାୟଣ ନାଏକ, ତୀର୍ଥ ନାଗ, ବଳଭଦ୍ର ବହିଆ, ଗିରିଧାରୀ ମାଝିଙ୍କ ସହ ବୁଢେଲ ଦୋଳଯାତ୍ରା କମିଟିର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ରଙ୍ଗ ମହଲରେ ବିଭିନ୍ନ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୀନାବଜାରରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା।

## ଆଶାକର୍ମୀଙ୍କର ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ମୁରିବାହାଲ, ୨୪।୩(ଶ୍ରୀବସ୍ତ ବେହେରା)

ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଆଶା କର୍ମୀ କୁନ୍ତଳା ସାହୁଙ୍କ ବିୟୋଗରେ ରବିବାର ଯୋଗେଶ୍ୱର ମହିମା ଆଶ୍ରମରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ନିଖିଳ ଓଡିଶା ଆଶା କର୍ମୀ ସଂଘ ମୁରିବାହାଲ ବ୍ଲକର ପୂର୍ବତନ ସଭାନେତ୍ରୀ ପୁଷ୍ପାଲତା ଧୀର ଏଥିରେ ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ ସଭାରେ ଗତ ୧୯ବର୍ଷ ଧରି ସ୍ୱର୍ଗତ ସାହୁ ଗଁରେଇ ପଞ୍ଚାୟତ ଭେରେଗୁଭା ଗ୍ରାମରେ ଆଶାକର୍ମୀଭାବେ କରିଥିବା କାର୍ଯ୍ୟର ସ୍ମୃତିଚାରଣ କରାଯାଇଥିଲା। ସ୍ମୃତିସଭାରେ ରୂପେଶ୍ୱରୀ ଖମାରୀ, ସଫିରା ବାରିକ, ଶୋଭାଗିନୀ ତାଣ୍ଡି, ନମିତା ନାଏକ, ରୁକ୍ମିଣୀ ଆଡ଼ଯୁଆଡ, ବିନୋଦିନୀ ମହାନନ୍ଦ, ପଦ୍ମାବତୀ ମାଝି ଉପସ୍ଥିତ ଥିଲେ। ଗତ ଶନିବାର ଘରେ କାମ କରୁଥିବାବେଳେ ପଡିଯାଇଥିବା କୁନ୍ତଳା ସାହୁ(୫୩)ଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତାଙ୍କୁ ମୁରିବାହାଲ ସିଏଚସି ଅଣାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

## ବିଂଝାଲ ସମାଜର ବୈଠକ

ପାଟଣାଗଡ଼,୨୪।୩(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ବାଲିପଟା ପଞ୍ଚାୟତ ଅନ୍ତର୍ଗତ ସାନ ବିଛିଲିବାହାଲରେ ସର୍ବଭାରତୀୟ ବିଂଝାଲ ସମାଜର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି କିଶୋର ଚନ୍ଦ୍ର ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଜିଲା ସଭାପତି ଚନ୍ଦ୍ର ଶେଖର ବାଗ, ବଲାଙ୍ଗୀର ବ୍ଲକ ସଭାପତି କୁଶ ବରିହା, ଜିଲା ସମ୍ପାଦକ ଗନ୍ଧର୍ବବରିହା, କୋଷାଧ୍ୟକ୍ଷ ଯୁଗଳକିଶୋର ବରିହା, ଲୋଇସିଂହା ବ୍ଲକ ସମ୍ପାଦକ ଭକ୍ତ ବରିହା, ମଦନ ବରିହା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏହି ବୈଠକରେ ସମାଜର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ସମସ୍ତେ ଏକତା ନିୟମାବଳୀରେ ଚଳିଲେ ସମାଜକୁ ଆଗକୁ ବଢ଼ିପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଗାମୀ ଶିକ୍ଷା ବର୍ଷରେ ସମାଜର ପୁଅ ଓ ଝିଅ ମାନଙ୍କୁ ବିଭିନ୍ନ ଆଶ୍ରମ ସେବାଶ୍ରମ, ଭୁବନେଶରସ୍ଥିତ କିସ୍, ବୈଷୟିକ, ଆଇଟିଆଇ, ଡିପ୍ଲୋମା, ଇଞ୍ଜିନିୟରିଂ, ନର୍ସିଂ ଟ୍ରେନିଂ ଆଦିରେ ନାମ ଲେଖାଇବାକୁ ମୁଖ୍ୟ ଅତିଥି ବାଗ ପରାମର୍ଶ ଦେଇଥିଲେ। ହରିଶଙ୍କର ସ୍ଥିତ ମା' ବିନ୍ଧ୍ୟ ବାସିନୀ ମନ୍ଦିରରେ ଚୈତ୍ର ବାସନ୍ତିକ ପୂଜା କରାଯିବା ନେଇ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଜିଲାର ବିଭିନ୍ନ ବ୍ଲକର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଜିଲା ସମ୍ପାଦକ ଗନ୍ଧର୍ବ ବରିହା ସ୍ୱାଗତ ଭାଷଣ ଦେଇଥିବାବେଳେ ଭକ୍ତ ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

## ୮୪ ବର୍ଷରେ ଧଣ୍ଡାମୁଣ୍ଡା ଦୋଳ ଉତ୍ସବ

**ମୁଖ୍ୟ ଆକର୍ଷଣ ଷୋହଳ ପ୍ରହର ନାମଯଜ୍ଞ, ମିନା ବଜାର**

ଖପ୍ରାଖୋଲ, ୨୪।୩(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଧଣ୍ଡାମୁଣ୍ଡା ଗାଁର ଦୋଳ ଉତ୍ସବ ଚଉରାଅଶୀ ବର୍ଷରେ ପହଞ୍ଚିଛି। ୧୯୪୨ରେ ଆରମ୍ଭ ହୋଇଥିବା ଦୋଳ ଉତ୍ସବ ଏବେ ଗାଁର ଗଣପର୍ବ ପାଲଟିଛି। ଦୋଳ ପୂର୍ଣ୍ଣିମା ପାଇଁ ଗାଁ ଉତ୍ସବ ମୁଖର ହୋଇ ଉଠିଛି। ବାହାରେ କାମ କରୁଥିବା ଗାଁର ଲୋକେ ଏବଂବିବାହା କରିଥିବା ଝିଅ ଉତ୍ସବ ପାଇଁ ଗାଁକୁ ଫେରିଛନ୍ତି। ପୂର୍ବରୁ କେବଳ ରାଧାକୃଷ୍ଣଙ୍କ ପୂଜା ହେଉଥିବା ବେଳେ ଏବେ ଏଥିସହିତ ଗାଁ ମଝିରେ ହରିହରଙ୍କ ଦୋଳ ଦୋଳ ମେଳଣ ହେଉଛି। ଚଳିତ ବର୍ଷ ଦୋଳ ପାଇଁ ଗାଁରେ ଷୋହଳ ପ୍ରହର ନାମଯଜ୍ଞ, ପଞ୍ଚକୁଣ୍ଡିୟ ବିଶ୍ୱଶାନ୍ତି ହରିହର ମହାଯଜ୍ଞ ଆରମ୍ଭ ହୋଇଛି। ମୀନାବଜାର, ଦୋଳି, ବିଭିନ୍ନ ପ୍ରଜ୍ଞାପନ ମେଢ଼, ଦୋକାନ ବଜାର ଖୋଲିଥିବାରୁ ସେଠାରେ ପ୍ରବଳ ଭିଡ଼ ହୋଇଛି। ପୂଜା କର୍ତ୍ତାଭାବେ ହରିଶ ସାହୁ, ଲୋକନାଥ ସାହୁ, ଗୌନ୍ତିଆ ଉତ୍ତମ ବରିହା ଦାୟିତ୍ୱ ନିର୍ବାହ କରୁଛନ୍ତି। ଦୋଳ ଉତ୍ସବ ପରିଚାଳନା କମିଟି ସଭାପତି ଯଶୋବନ୍ତ ସାହୁ, ସମ୍ପାଦକ ଅମୂଲ୍ୟ ଭୋଇ ଓ କର୍ମକର୍ତ୍ତା ମେଳା ଆୟୋଜନରେ ଲାଗିଛନ୍ତି। ଦୋଳ ମେଳଣ ସୋମବାର ରାତିରେ ଅନୁଷ୍ଠିତ ହେବ।


ଧଣ୍ଡାମୁଣ୍ଡା ଗାଁର ଦୋଳ ମେଳଣରେ ଶ୍ରଦ୍ଧାଳୁଙ୍କ ଭିଡ଼।

## ଦେଓଗାଁ ଯୁଥ୍ ଆକ୍ସନ କମିଟି ଗଠିତ


ଦେଓଗାଁ ବଜାର ପ୍ରାଙ୍ଗଣରେ ଯୁଥ ଆକ୍ସନ କମିଟିର କର୍ମକର୍ତ୍ତା।

ଦେଓଗାଁ,୨୪।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକର ବିଭିନ୍ନ ଗାଁକୁ ନେଇ ଯୁଥ ଆକ୍ସନ କମିଟି ଗଠିତ ହୋଇଯାଇଛି। ସ୍ଥାନୀୟ ସାପ୍ତାହିକ ବଜାର ପ୍ରାଙ୍ଗଣରେ ପ୍ରଭାତ ମହାନନ୍ଦଙ୍କ ସଂଯୋଜନା ଓ ସେବକ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। କମିଟି ସଭାପତିଭାବେ ସେବକ ବାରିକ, ଉପସଭାପତି ନୀଳକଣ୍ଠ ଜୁଏଡ ଓ ରଞ୍ଜିତ ବାଗ, ସମ୍ପାଦକ ସନ୍ୟାସୀ ବେହେରା, ଯୁଗ୍ମ ସମ୍ପାଦକ ବଳଦେବ ଛତ୍ରିଆ, ସାଧାରଣ ସମ୍ପାଦକ ଅଶୋକ ସୁନା, କୋଷାଧ୍ୟକ୍ଷ ସଞ୍ଜୟ ସାହୁ ଓ ଆବାହକଭାବେ ପ୍ରଭାତ ମହାନନ୍ଦ ମନୋନୀତ ହୋଇଥିଲେ। ସେହିପରି ୨୦ଜଣ ଉପଦେଷ୍ଟା ଓ ୩୦ଜଣଙ୍କୁ ସଦସ୍ୟ ମନୋନୀତ କରାଯାଇଥିଲା । ବୈଠକରେ ଦେଓଗାଁ ରେଳଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହଣି ଓ ଟିକିଟ କାଉଣ୍ଟର ପୁନଃଚାଲୁ ଉପରେ ଆଲୋଚନା କରାଯାଇଥିଲା। ଆଗାମୀ ୨୮ ତାରିଖ ପୂର୍ବାହ୍ନ ୧୦ଟାରେ ଚନ୍ଦ୍ରପୁର ଆମ୍ରକାନନଠାରେ ସର୍ବଦଳୀୟ ବୈଠକ କରାଯିବାର ନିଷ୍ପତ୍ତି ନିଆଯାଇଥିଲା।

## ବିଜେଡିରେ ମିଶିଲେ ଅନ୍ୟଦଳର ଶତାଧିକ କର୍ମୀ



ମନ୍ତ୍ରୀ ଟୁକୁନୀ ସାହୁଙ୍କ ସହିତ ଦଳରେ ସାମିଲ ହୋଇଥିବା କର୍ମୀମାନେ।

ଟିଟିଲାଗଡ଼,୨୪।୩(ଶରତ ମିଶ୍ର)

ଟିଟିଲାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡିରେ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀଙ୍କ ଯୋଗଦାନ ଚର୍ଚ୍ଚାର ବିଷୟ ହୋଇଛି। ରବିବାର ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କ ଉପସ୍ଥିତିରେ ଅନ୍ୟ ଦଳର ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଏହି ଅବସରରେ ଦଳରେ ଯୋଗଦେଇଥିବା ଟିଟିଲାଗଡ ବ୍ଲକ ବିଜେପୁର ପଞ୍ଚାୟତର ବରିଷ୍ଠ ନେତା ଧରମସିଂ ବଗର୍ତ୍ତୀ, କ୍ଷୀରସିନ୍ଧୁ ବଗର୍ତ୍ତୀ, ରୁଦ୍ର ବଗର୍ତ୍ତୀ, ବିପ୍ର ବିଶି, ଗୋପାଳ ସାହୁ, ପଣ୍ଟୁ ବେହେରା, ପ୍ରମୋଦ ରଣା, ଦାମ ରଣା, ବାବୁଲାଲ ରଣା, ବୈବସୂତ ରଣା, ଜିତେନ ରଣା, ପୂର୍ବତନ ସରପଞ୍ଚ ହଂସରାଜ ବେହେରା, ଦୟାନିଧି ବେହେରା ପ୍ରମୁଖଙ୍କୁ ମନ୍ତ୍ରୀ ସାହୁ ଦଳକୁ ସ୍ୱାଗତ କରିଥିଲେ।

## ଯୋଗଦେବେ ୧୧ ଜିଲାର ସଂକୀର୍ତ୍ତନ କଳାକାର

**୩୧ରେ ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦ ବାର୍ଷିକ ଉତ୍ସବ**

ବଲାଙ୍ଗୀର,୨୪।୩(ବୀରେନ୍ଦ୍ର କୁମାର ଝାଙ୍କର)

ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ବଲାଙ୍ଗୀର ଜିଲା ସଂକୀର୍ତ୍ତନ ପରିଷଦ ସହଯୋଗରେ ସଦାଇପାଲି ପଲ୍ଲିଶ୍ରୀବିହାର ରାଧାକୃଷ୍ଣ ମନ୍ଦିର ପରିସରରେ ଆସନ୍ତା ୩୧ତାରିଖରେ ଅନୁଷ୍ଠିତ ହେବ। ଆଜି ଏନେଇ ଏକ ପ୍ରସ୍ତୁତି ବୈଠକ ବସିଥିଲା। ବୈଠକରେ ଜିଲା ସଂକୀର୍ତ୍ତନ ପରିଷଦ ସଭାପତି ଡ. ନାରାୟଣ ପ୍ରସାଦ ମିଶ୍ର ଅଧ୍ୟକ୍ଷତା କରିଥିଲେ। ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦ ପକ୍ଷରୁ ଅଶୋକ ପଧାନ ପର୍ଯ୍ୟବେକ୍ଷକ ଭାବେ ଯୋଗଦାନ କରିଥିଲେ। ଉତ୍ସବରେ କନ୍ଧମାଳ ଜିଲା ସହ ପଶ୍ଚିମ ଓଡିଶାର ୧୧ଟି ଜିଲାରୁ ସହସ୍ରାଧିକ ସଂକୀର୍ତ୍ତନ କଳାକାର ଏବଂ ୧୫ଟି ସଂକୀର୍ତ୍ତନ ଦଳ ଯୋଗଦାନ କରିବେ ବୋଲି ସୂଚନା ଦେଇଛନ୍ତି। ଉତ୍ସବକୁ ସଫଳ କରିବା ପାଇଁ ଆଜିର ବୈଠରେ ବିଭିନ୍ନ ଉପସମିତି ଗଠନ କରାଯାଇଛି। ଆୟୋଜକ କମିଟିର ଉପଦେଷ୍ଟା ସମାଜସେବୀ ଡ. ଶ୍ରୀକର ମିଶ୍ର ଅଭ୍ୟର୍ଥନା କମିଟିର ଦାୟିତ୍ୱ ବହନ କରିଛନ୍ତି। ନଗର କୀର୍ତ୍ତନ ପରିଚାଳନାରେ ସଂଯୋଜକ ଭରତ ସାହୁ, ପୁଇଁତଳା ବ୍ଲକ ସଭାପତି ଗୌରାଙ୍ଗ ମିଶ୍ର, ଆଗଲପୁର ବ୍ଲକ ସଭାପତି ଗୌର ପଟେଲ ଓ ଲୋଇସିଂହା ବ୍ଲକ ସଭାପତି ଚୈତନ୍ୟ ପଧାନ କାର୍ଯ୍ୟ ତୁଲାଇବା ପାଇଁ ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଡା. ପ୍ରମୋଦ କୁମାର ମିଶ୍ର, ଆଦିତ୍ୟ ପଟ୍ଟନାୟକ, ପ୍ରଫୁଲ୍ଲ ମିଶ୍ର, ଶମ୍ଭୁ ପ୍ରସାଦ ନାଏକ, ରାଧାକାନ୍ତ ନାଏକ, ରୁଦ୍ରପ୍ରସାଦ ସାଏ, ପ୍ରେମାନନ୍ଦ ସାଏ, ପ୍ରତାପ ଯୋଶୀ, ଶାନ୍ତନୁ ମିଶ୍ର, ବିରଞ୍ଚି ସାଏ, ଭାଗବତିଆ ଅଦାବରିଆ, ସୁବାସ ଦାଶ, ଦିଗାମ୍ବର ସାଏ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ବଲାଙ୍ଗୀର ବ୍ଲକ ସଭାପତି ରମେଶ ଚନ୍ଦ୍ର ନାଏକ ଧନ୍ୟବାଦ ଦେଇଥିଲେ।



ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକରେ ମଞ୍ଚାସୀନ କାର୍ଯ୍ୟକର୍ତ୍ତା।

## ସଂକ୍ଷେପରେ

### ଶିବିରରେ ୬୩୫ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବରଗଡ଼,୨୪।୩ (ପ୍ରେମାନନ୍ଦ ଖମାରୀ)

ଜନଜୀବନ ବିକାଶ ଟ୍ରଷ୍ଟ ଏବଂ ମୁରଲି କ୍ରୀଷ୍ଣା ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଡୁଙ୍ଗୁରିଠାରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରମୋଦ ଝାଙ୍କର ଶିବିରକୁ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟ ସଭାପତି ପ୍ରେମାନନ୍ଦ ସା, ଉପଦେଷ୍ଟା ସାକେତ ଶ୍ରୀଭୂଷଣ ସାହୁ, ଅତିଥି ଟଙ୍କଧର ପ୍ରଧାନ, ସୁରେଶ ପ୍ରଧାନ, ଗୋବିନ୍ଦ ଦାଶ, କେଦାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମୁରଲୀ କ୍ରୀଷ୍ଣା ଫାଉଣ୍ଡେଶନ ତରଫରୁ ୫ଜଣ ଡାକ୍ତର, ପାରା ମେଡ଼ିକାଲ କର୍ମଚାରୀ ଶିବିରରେ ୬୩୫ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେମାନଙ୍କୁ ଔଷଧ ମଧ୍ୟ ପ୍ରଦାନ କରାଯାଇଥିଲା।

### ପୋଲିସ କର୍ମଚାରୀଙ୍କ ପରଲୋକ

ବରଗଡ଼,୨୪।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ଥାନାରେ କାର୍ଯ୍ୟରତ ପୋଲିସ କନଷ୍ଟେବଲ ଶତ୍ରୁଘ୍ନ ବାରିକ(୪୦)ଙ୍କ ଶନିବାର ବିଳମ୍ବିତ ରାତି ପ୍ରାୟ ୧ଟା ୪୦ମିନିଟରେ ପରଲୋକ ହୋଇଛି। ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ



ଅବସ୍ଥାରେ ତାଙ୍କର ପରଲୋକ ହୋଇଥିଲା। ଅତାବିରା ଥାନା ବାବେବିରା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ନୀଳାଞ୍ଚଳ ବାରିକଙ୍କ ସାନପୁଅ ସ୍ୱର୍ଗତ ବାରିକ ଜଣେ ଦକ୍ଷ ପୋଲିସ କର୍ମଚାରୀ ଭାବେ ଅମ୍ବାଭୋନା ସମେତ ବିଭିନ୍ନ ଥାନାରେ କାର୍ଯ୍ୟରତ ଥିଲେ। ମୃତ୍ୟୁ ପଛରେ ସେ ସ୍ତ୍ରୀ ଦୀପାଞ୍ଜଳି, ଏକମାତ୍ର ଶିଶୁପୁତ୍ର ଆରହନ୍ ଏବଂ ଅନ୍ୟ ଆତ୍ମୀୟ ସ୍ୱଜନଙ୍କୁ ଛାଡ଼ି ଯାଇଛନ୍ତି। ତାଙ୍କ ପରଲୋକରେ ଗଭୀର ଶୋକପ୍ରକାଶ ପାଇଛି।

# କଥା ସାହିତ୍ୟ ସମାଜ, ମାନବ ଜୀବନର ପ୍ରତିଲିପି

ବରଗଡ଼,୨୪।୩(ପ୍ରେମାନନ୍ଦ ଖମାରୀ)



ଆଲୋଚନାଚକ୍ରରେ ଆଲୋଚକବୃନ୍ଦ ।

ମାନବ ଜୀବନର ପୂର୍ଣ୍ଣାଙ୍ଗ ଓ ବାସ୍ତବ ଜୀବନର ମହନୀୟତାକୁ ଉଦ୍ଭାସିତ କରୁଥିବା କଥା ସାହିତ୍ୟ ସାମାଜିକ ଭାବଭୂମି ଉପରେ ନିର୍ଭରଶୀଳ। ସାମାଜିକ ସ୍ଥିତି ଏବଂ ଅବସ୍ଥିତିକୁ ନେଇ ଓଡ଼ିଆ କଥା ସାହିତ୍ୟର ସୃଷ୍ଟି, ଗତି ଓ ବିକାଶ ତଥା କଥାଶିଳ୍ପୀଙ୍କ ସାମାଜିକ ପ୍ରତିବଦ୍ଧତାର ମନୋଜ୍ଞ ଉଚ୍ଚାରଣ କଥା ସାହିତ୍ୟ ବୋଲି ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା ଅନୁଷ୍ଠିତ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଓ ସହକାରୀ ପ୍ରଫେସର ଡ. ଶେଷନ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରକୁ ଅଧ୍ୟକ୍ଷ ପ୍ରଫେସର ପତିତପାବନ ସାହୁ ଉଦ୍‌ଘାଟନ କରିଥିଲେ। ଊନବିଂଶ ଶତାବ୍ଦୀରେ କଳା ଜଗତର ଏକ ଆନ୍ଦୋଳନ ହେଉଛି ସାମାଜିକ ବାସ୍ତବତା ଏବଂ ଏହା ସାହିତ୍ୟ ସୃଜନକ୍ଷେତ୍ରକୁ ବିଶ୍ୱରେ ବ୍ୟାପକ ପ୍ରଭାବ ପକାଇଛି ବୋଲି ଡ. ବିଶି କହିଥିଲେ। ଡ. ସୁନୀତା ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ନାତକ ଛାତ୍ର ଚିରନ୍ତନ ଦାଶ ସ୍ୱାଧୀନତାର ପୂର୍ବବର୍ତ୍ତୀ ଓଡ଼ିଆ କଥା ସାହିତ୍ୟରେ ସାମାଜିକ ବାସ୍ତବତା, ସ୍ନାତକୋତ୍ତର ଛାତ୍ରୀ ମୌସୁମୀ ଦାଶ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କଥା ସାହିତ୍ୟରେ ସାମାଜିକ ବାସ୍ତବତା ଏବଂ ଫକୀର ମୋହନ ସେନାପତିଙ୍କ ଉପନ୍ୟାସରେ ସାମାଜିକ ବାସ୍ତବତା ଶୀର୍ଷକ ଉପରେ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ। ବିଷୟ ବିଶେଷଜ୍ଞ ଭାବେ ଡ. ସଂଘମିତ୍ରା ମିଶ୍ର ଓଡ଼ିଆ କଥା ସାହିତ୍ୟର ଉନ୍ମେଷ କାଳରୁ ଏପର୍ଯ୍ୟନ୍ତ ସାମାଜିକ ବାସ୍ତବତାର ଚିତ୍ର ଅତ୍ୟନ୍ତ ମାର୍ମିକ, ଜୀବନ୍ତ ବୋଲି ସଦୃଷ୍ଟାନ୍ତ ବିଶ୍ଳେଷଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଛାତ୍ରୀ ନେହା ଅଗ୍ରୱାଲ ଓ ସ୍ୱାଗତ ସାହୁ ଆଲୋଚନାରେ ଅଂଶଗ୍ରହଣ କରି ସ୍ୱମତ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଅଧ୍ୟକ୍ଷ ସାହୁ ଫକୀର ମୋହନ ଓଡ଼ିଆ କଥା ସାହିତ୍ୟ ସାମାଜିକ ବାସ୍ତବତାର ବାର୍ତ୍ତାବହ ବୋଲି କହି ପଠନ ମନସ୍କ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମାଜ ଚେତନା ରହିତ କଥା ସାହିତ୍ୟ ହୁଏତ ସାମୟିକ କଳାଗତ ଆନନ୍ଦ ଦେଇପାରେ, ମାତ୍ର ତାହା ଶାଶ୍ୱତ ପ୍ରଭାବ ପକାଇପାରେ ନାହିଁ ବୋଲି ମତପ୍ରକାଶ ପାଇଥିଲା। ଛାତ୍ର ଉତ୍ତମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଏବଂ ଓଡ଼ିଆ ବିଭାଗର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ବିଜେଡିରେ ମିଶିଲେ ଅନ୍ୟଦଳର ଶତାଧିକ କର୍ମୀ

ଟିଟିଲାଗଡ଼,୨୪।୩(ଶରତ ମିଶ୍ର)

ଟିଟିଲାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡିରେ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀଙ୍କ ଯୋଗଦାନ ଚର୍ଚ୍ଚାର ବିଷୟ ହୋଇଛି। ରବିବାର ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କ ଉପସ୍ଥିତିରେ ଅନ୍ୟ ଦଳର ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଏହି ଅବସରରେ ଦଳରେ ଯୋଗଦେଇଥିବା ଟିଟିଲାଗଡ ବ୍ଲକ ବିଜେପୁର ପଞ୍ଚାୟତର ବରିଷ୍ଠ ନେତା ଧରମସିଂ ବଗର୍ତ୍ତୀ, କ୍ଷୀରସିନ୍ଧୁ ବଗର୍ତ୍ତୀ, ରୁଦ୍ର ବଗର୍ତ୍ତୀ, ବିପ୍ର ବିଶି, ଗୋପାଳ ସାହୁ, ପଣ୍ଟୁ ବେହେରା, ପ୍ରମୋଦ ରଣା, ଦାମ ରଣା, ବାବୁଲାଲ ରଣା, ବୈବସ୍ୱତ ରଣା, ଜିତେନ ରଣା, ପୂର୍ବତନ ସରପଞ୍ଚ ହଂସରାଜ ବେହେରା, ଦୟାନିଧି ବେହେରା ପ୍ରମୁଖଙ୍କୁ ମନ୍ତ୍ରୀ ସାହୁ ଦଳକୁ ସ୍ୱାଗତ କରିଥିଲେ।

## ଶହୀଦ ଭଗତ ସିଂଙ୍କୁ ଶ୍ରଦ୍ଧାଞ୍ଜଳି




ଶହୀଦ ଭଗତ ସିଂଙ୍କ ବଳିଦାନ ଦିବସ ପାଳନ କରାଯାଉଛି।

ବରଗଡ଼,୨୪।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଗୁରୁଦ୍ୱାରା ଛକସ୍ଥିତ ଭଗତ ସିଂ ମାର୍ଗରେ ଓଡ଼ିଶା ଅଭିଭାବକ ମହାସଂଘ, ବରଗଡ଼ ଜିଲା ଶାଖା ପକ୍ଷରୁ ଶନିବାର ଶହୀଦ ଭଗତ ସିଂଙ୍କ ବଳିଦାନ ଦିବସ ପାଳିତ ହୋଇଛି। ମହାସଂଘର ଜିଲା ସଭାପତି ବିମଳ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଗୁରୁଦ୍ୱାରା ସଭାପତି ସୁଖୱାନ୍ତ ସିଂ, ଜିଲା କଂଗ୍ରେସ ସଭାପତି ହରଦୀପ ସିଂ, ପାଣ୍ଡବ କର୍ଣ୍ଣ, ଶିବାନନ୍ଦ ମଟାରୀ, ବୃନ୍ଦାବନ ବେହେରା, ସାରଥୀ ମେହେର, ମାମୀ ମିଶ୍ର, ରମେଶ ପତି, ଦିବାକର ମାଝି, ଆଶୁତୋଷ ରଥ ପ୍ରମୁଖ ଯୋଗଦାନ କରିଥିଲେ। ଶହୀଦ ଭଗତ ସିଂଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା।

## ହାଇମାଷ୍ଟ ଲାଇଟ ଲାଗିଲା, ବିଦ୍ୟୁତ୍ ସଂଯୋଗ ନାହିଁ

ଲୋଇସିଂହା,୨୪।୩( ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡ଼ା ଜଗନ୍ନାଥ ନିକଟରେ ଲାଗିଥିବା ହାଇମାଷ୍ଟ ଲାଇଟ ଦୀର୍ଘ ଦିନ ଧରି ଅଚଳ ହୋଇ ପଡ଼ିଥିଲା। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଲା ପରେ ପ୍ରଶାସନ ତତ୍ପରତା ଦେଖାଇ ନୂତନ ହାଇମାଷ୍ଟ ଲାଇଟ ଲଗାଇଛି। ଇତି ମଧ୍ୟରେ ଦୁଇ ସପ୍ତାହ ବିତିଯାଇଥିଲେ ସୁଦ୍ଧା ବିଦ୍ୟୁତ୍ ସଂଯୋଗ ଦିଆ ଯାଇନାହିଁ। ଫଳରେ ସମ୍ପୃକ୍ତ ଅଞ୍ଚଳରେ ଅନ୍ଧକାର ରାଜତ୍ୱ କରୁଛି। ବସ୍ତିର ଲୋକେ ରାତି ସମୟରେ ଯିବା ଆସିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ଦିଗରେ ବ୍ଲକ ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ମତଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଭାରତୀ ଶିଶୁ ସାହିତ୍ୟ ସଂସଦର ଆଲୋଚନାଚକ୍ର।

ବରଗଡ଼,୨୪।୩(ପ୍ରେମାନନ୍ଦ ଖମାରୀ)

ଗଣତନ୍ତ୍ରରେ ନିର୍ବାଚନ ଏକ ସୁସ୍ଥ ପରମ୍ପରା। ଅବାଧ, ସ୍ୱଚ୍ଛ ଏବଂ ନିରପେକ୍ଷ ନିର୍ବାଚନରେ ହିଁ ଗଣତନ୍ତ୍ର ସୁଦୃଢ଼ ହୋଇଥାଏ ଏବଂ ଏଥିରେ ମତଦାତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବରଗଡ଼ ରାଣାପ୍ରତାପ ସ୍କୁଲ ଭାରତୀ ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଗଣତନ୍ତ୍ରରେ ନିର୍ବାଚନ ଶୀର୍ଷକ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ସଂସଦର ସଭାନେତ୍ରୀ ଛାତ୍ରୀ ରେଣୁକା ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ମୁଖ୍ୟ ଆଲୋଚକ ଭାବେ ଯୋଗଦାନ କରିଥିଲେ। ଗଣତାନ୍ତ୍ରିକ ବ୍ୟବସ୍ଥା ଏବଂ ନିରପେକ୍ଷ ନିର୍ବାଚନ ଉପରେ ସେ ଆଲୋକପାତ କରିଥିଲେ। ଛାତ୍ରୀ ରୁବି ମାଝି, ଛାତ୍ର ଦେବାନନ୍ଦ ସର୍ଭଙ୍ଗ, କ୍ରିଷ୍ଟିନା ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚନ ନିହାତି ଆବଶ୍ୟକ ଏବଂ ମତଦାନ ମତଦାତାଙ୍କ ଅଧିକାର ବୋଲି କହିଥିଲେ। ସମ୍ପାଦିକା ଅଶ୍ଳେଷା ମହାନନ୍ଦ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଛାତ୍ରୀ ସସ୍ମିତା ମହାନନ୍ଦ, ଚିନ୍ମୟୀ ନାଏକ, ଆର୍. ଜୟଶ୍ରୀ, ମୁସ୍କାନ ସା, ଅଞ୍ଜଳି ମହାରଣା, ଆଶିଷ ନାଏକ, ଅଂଶିକା ଦୋରା ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ସମ୍ପାଦିକା ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ଧରା ହାଇସ୍କୁଲର ବାର୍ଷିକୋତ୍ସବ

ବରଗଡ଼,୨୪।୩ (ପ୍ରେମାନନ୍ଦ ଖମାରୀ)



ଅତିଥିବୃନ୍ଦ ବାର୍ଷିକ ଉତ୍ସବ ଉଦଘାଟନ କରୁଛନ୍ତି ।

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବଡ଼ଧରା ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ ଅପ୍ରତିମ ରବିବାର ଉଦ୍‌ଘାଟିତ ହୋଇଛି। ପ୍ରଫେସର ସୁଜିତ କୁମାର ପୃଷେଠ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପଣ୍ଡିତ ସିଦ୍ଧାର୍ଥ ଦାଶ ମନ୍ତ୍ରପାଠ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜକୁମାର ବଘେଲ ଅଧ୍ୟକ୍ଷତା କରିଥିଲେ। ଗ୍ରାମର ଗୌନ୍ତିଆ ସୁବାସ ଚନ୍ଦ୍ର ପ୍ରଧାନ, କାହ୍ନା ବାବା, ସରୋଜ ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ଭୁଏ ବିବରଣୀ ପାଠ କରିଥିଲେ। ରୋହିତ ଭୁଏ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀ ମୁସ୍କାନ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ବେଣୁଧର ପ୍ରଧାନ, ବୃନ୍ଦାବନ ବେହେରା, ବୁଲୁ ବିଶ୍ୱାଳ, ଜ୍ୟୋତ୍ସ୍ନା ଭୁଏ, ଭଗବତୀ ସା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭୂପତି ପ୍ରଧାନ ଏବଂ ଅନ୍ୟ ସଭ୍ୟାସଭ୍ୟ ସହଯୋଗ କରିଥିଲେ। ଶିକ୍ଷକ ବେଣୁଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୁଥୁରବନ୍ଧରେ ୫୩ତମ ନାମଯଜ୍ଞ

ସର୍ଗିଗୁଡା,୨୪।୩(ବୈକୁଣ୍ଠ ନାଗ)

ଟିଟିଲାଗଡ଼ ବ୍ଲକ ଲୁଥୁରବନ୍ଧ ଗ୍ରାମରେ ୫୩ତମ ବାର୍ଷିକୀ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ ସଂକୀର୍ତ୍ତନ ଆରମ୍ଭ ହୋଇଛି। ଏନେଇ ଗ୍ରାମରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଛି। ପୂଜକ ଭଗବାନ ମିଶ୍ର, ପୂଜା କର୍ତ୍ତା କମଳାକାନ୍ତ ବିଶି ଦାୟିତ୍ୱ ନିର୍ବାହ କରୁଛନ୍ତି। ମିତ୍ରସେନ ବଗର୍ତି, ଖଗେନ୍ଦ୍ର ବଗର୍ତି, ଦିଲୀପ ବିଶି, ବିଜୟ ବିଶି, ରଘୁନାଥ ବିଶି, ମହାଦେବ ବାଗ, ତ୍ରୈଲୋଚନ ସାହା, ଅଭି ଝାଙ୍କର, ହରିହର ଭୋଇ, ଯୁଧିଷ୍ଠିର ହେର୍ଣ୍ଣା, ଶିବ ବିଶି, ଛନ୍ଦା ଭୋଇ, ମଳୟ ବିଶି ଓ ଗ୍ରାମବାସୀ କାର୍ଯ୍ୟକ୍ରମ ଆୟୋଜନରେ ସହାୟତା କରୁଛନ୍ତି ।

## ଧୀରେନ୍ଦ୍ର ନାଥ ମୁଣ୍ଡଙ୍କ ଜୟନ୍ତୀ ସମାରୋହ




କାର୍ଯ୍ୟକ୍ରମରେ ଅତିଥିମାନେ ଗୀତିକବିତା ସଙ୍କଳନକୁ ଉନ୍ମୋଚନ କରୁଛନ୍ତି।

ବରପାଲି,୨୪।୩(ଚିତ୍ତରଞ୍ଜନ ସାହୁ)

ବରପାଲି ଲିଟିଲ ଏଞ୍ଜେଲ୍ସ ସ୍କୁଲ ପରିସରରେ ସ୍ୱର୍ଗତ ଡା. ଧୀରେନ୍ଦ୍ର ନାଥ ମୁଣ୍ଡଙ୍କ ୯୧ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ପ୍ରାରମ୍ଭିକ ଅଧିବେଶନରେ ସହକାରୀ ଶିକ୍ଷକ ଆଦିତ୍ୟ ପ୍ରସାଦ କର, ଗଜାଲା ଅଞ୍ଜୁମ ଓ ଛାତ୍ରୀ ଶ୍ରଦ୍ଧା ମିତ୍ତଲ ଡ଼ା. ମୁଣ୍ଡଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଟିଟିଲାଗଡ ଉପଖଣ୍ଡ ଡାକ୍ତରଖାନାର ଚିକିତ୍ସାଧିକାରୀ ଓ ଭାରପ୍ରାପ୍ତ ଶୈଲ୍ୟ ଚିକିତ୍ସା ବିଭାଗ ସଞ୍ଚାଳକ ଡା. ଓମ୍‌କାର ହୋତା ସମ୍ବର୍ଦ୍ଧିତ ଅତିଥି, ଅବସରପ୍ରାପ୍ତ ପ୍ରଫେସର ଡ. ରବୀନ୍ଦ୍ର ଗଡତିଆ, ଓଡିଶା ମୋ ପରିବାର ଏବଂ ଜୀବନବିନ୍ଦୁ ବରଗଡ଼ ଜିଲା ସଂଯୋଜକ ଗୌରହରି ମିଶ୍ର, ବିଦ୍ୟାଳୟର ସଭାପତି ଡା. ସୁବ୍ରତ କୁମାର ମୁଣ୍ଡ, ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଅଧକ୍ଷା ମଧୁସ୍ମିତା ମୁଣ୍ଡ, ଉପାଧକ୍ଷ ସୁଶୀଲ କୁମାର ରଥ, ପ୍ରଶାସନିକ ଅଧିକାରୀ ମୀନତି ପ୍ରଧାନ ଓ ଲିଟିଲ ଏଞ୍ଜେଲ୍ସ ପବ୍ଲିକ ସ୍କୁଲ, ଡୁଙ୍ଗୁରିପାଲିର ପ୍ରଶାସକ ଡା. ସ୍ୱିଷ୍ଟି ମୁଣ୍ଡ, ଅଧକ୍ଷ ଶିଶୁପାଳ କଲେତ ଯୋଗ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପ୍ରକାଶ ମହାନନ୍ଦଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଡା. ଓମ୍‌କାର ହୋତାଙ୍କୁ ଡା. ଧୀରେନ୍ଦ୍ର ନାଥ ମୁଣ୍ଡ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅତିଥିମାନେ କବି ଚିତ୍ତରଞ୍ଜନ ବିଶ୍ୱାଳଙ୍କ ଗୀତିକବିତା ସଙ୍କଳନ ଦେବଦୂତ ଧୀରେନ୍ଦ୍ର ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବ୍ଲକସ୍ତରୀୟ ଆନ୍ତଃ ବିଦ୍ୟାଳୟ ସଙ୍ଗୀତ, ଏକକ ଅଭିନୟ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ଓ ଓଡିଶା ଆମ ପରିବାରର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର କରାଯାଇଥିଲା। ଏଥିରେ ୭୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପଦ୍ମଲୋଚନ ଦାଶ, ସରୋଜ ଥନାପତି, ଆଶିଷ ଭୋଇ, ଶିକ୍ଷୟିତ୍ରୀ ସୀମାରାଣୀ ବେହେରା, ତୃଷ୍ଣାମୟୀ ଓନସନାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଅଧକ୍ଷା ମଧୁସ୍ମିତା ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ପାଟଣାଗଡ,୨୪।୩(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ଏନଏସିସ୍ଥିତ ପାଟଣେଶରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପାଟଣେଶ୍ୱରୀ ମହିଳା ଡିଗ୍ରୀ ମାହାବିଦ୍ୟାଳୟ ଅଧକ୍ଷ ଅମିତାଭ ଠାକୁର ଯୋଗଦେଇ ଛାତ୍ରୀମାନଙ୍କ ଜୀବନରେ ଆତ୍ମରକ୍ଷା ପ୍ରଶିକ୍ଷଣର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଅଧ୍ୟାପିକା ସୁମିତା ମିଶ୍ର ଶିବିରର ଆଭିମୁଖ୍ୟ ବିଷୟରେ କହିଥିବା ବେଳେ ଅଧ୍ୟାପିକା ବାଣିଶ୍ରି ବେହେରା ମଞ୍ଚ ପରିଚାଳନା କରିଥିଲେ। ଖେଳଶିକ୍ଷକ ଅନୁପ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିର ଏପ୍ରିଲ ୬ତାରିଖ ପର୍ଯ୍ୟନ୍ତ ଚାଲିବ।

## ନାମଯଜ୍ଞର ହୀରକ ଜୟନ୍ତୀ ସମାରୋହ

ବରଗଡ଼,୨୪।୩(ପ୍ରେମାନନ୍ଦ ଖମାରୀ)

ସଂକୀର୍ତ୍ତନ ହେଉଛି ଭାବ, ଭକ୍ତିର ମିଶ୍ରଣ। ଭକ୍ତି ଓ ଭାବ ବିନା ଭଗବାନଙ୍କ ସାନ୍ନିଧ୍ୟ ଲାଭ ଅସମ୍ଭବ ବୋଲି ବରଗଡ଼ ବ୍ଲକ ଖଲିଆପାଲିରେ ଅନୁଷ୍ଠିତ ନାମଯଜ୍ଞର ହୀରକ ଜୟନ୍ତୀ ମହୋତ୍ସବରେ ମତପ୍ରକାଶ ପାଇଛି। ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସମ୍ପାଦକ ତଥା ଜିଲା ସଂକୀର୍ତ୍ତନ ପରିଷଦ ସଂଯୋଜକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ପିତ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ ଏବଂ ସଂକୀର୍ତ୍ତନ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ମୋତିଲାଲ ଦୋରା, ସାମାଜିକ କର୍ମୀ ଚନ୍ଦ୍ରଶେଖର କାଳିଆ, ଜିଲା ସଂକୀର୍ତ୍ତନ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ, ସମ୍ପାଦକ ପଣ୍ଡିତ ଜୟଦେବ ପଣ୍ଡା, ଯୋଗୀନ୍ଦ୍ର ମହାପାତ୍ର, ବୃନ୍ଦାବନ ଭୋଇ ପ୍ରମୁଖ ଯୋଗଦେଇ ସଂକୀର୍ତ୍ତନ ସଂସ୍କୃତି ଜାଗରଣ ପାଇଁ ଉଦ୍ୟମ ଜାରି ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ନାମଯଜ୍ଞର କର୍ତ୍ତା ପ୍ରଶାନ୍ତ ଦୋରା ଏବଂ ସ୍ତ୍ରୀ ଝିଲିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀକୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜଗନ ମହାପାତ୍ର, ନରେନ୍ଦ୍ର ନାଏକ, କାର୍ତ୍ତିକ ମଟାରୀ ପ୍ରମୁଖ ସହଯୋଗ କରିଥିଲେ।



ସମାରୋହରେ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ନଡ୍ଡାଙ୍କ ଗିରଫ ଦାବିକଲା ଆପ୍

ବରଗଡ଼,୨୪।୩ (ପ୍ରେମାନନ୍ଦ ଖମାରୀ)




ଖବରଦାତା ସମ୍ମିଳନୀରେ ଆପ୍ କାର୍ଯ୍ୟକର୍ତ୍ତା ।

ତଥାକଥିତ ମଦ ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଗିରଫଦାରି ଘଟଣାକୁ ଆମ୍ ଆଦ୍‌ମୀ ପାର୍ଟି(ଏଏପି) ବିରୋଧ କରିଛି। ତାଙ୍କୁ ମିଥ୍ୟା ମାମଲାରେ ଗିରଫ କରାଯାଇଛି ବୋଲି ଏଏପି ଅଭିଯୋଗ କରିଛି। ରବିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏଏପିର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ କହିଛନ୍ତି, ଏହି ଘଟଣାରେ ଜଣେ ଅଭିଯୁକ୍ତ ରହିଥିବା ଶରତ ଚନ୍ଦ୍ର ରେଡ୍ଡି ଅରବିନ୍ଦୋ ଫାର୍ମାର ନିର୍ଦ୍ଦେଶକ ଅଟନ୍ତି। ସେ ଗିରଫ ହେବା ପରେ ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ଭାଜପାକୁ ୫କୋଟି ଟଙ୍କା ଦେଇଥିଲେ। ସେହିପରି ସେ ଜେଲରୁ ରାଜସାକ୍ଷୀ ଭାବେ ମୁକୁଳିବା ପରେ ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ୫୪.୫ କୋଟି ଟଙ୍କା ଭାଜପାକୁ ଦେଇଥିଲେ। ଏଭଳି ଭାବେ ଅରବିନ୍ଦୋ ଫାର୍ମା ଓ ତାଙ୍କର କମ୍ପାନୀ ୫୯.୫ କୋଟି ଟଙ୍କାର ଇଲେକ୍ଟୋରାଲ ବଣ୍ଡ କିଣି ଭାଜପାକୁ ଚାନ୍ଦା ଦେଇଥିବା ତଥ୍ୟ ସାମ୍ନାକୁ ଆସିଛି ଏବଂ ଏହା ଏକ ମନି ଲଣ୍ଡରିଂ ମାମଲା ବୋଲି ଏଏପିର ଜିଲା ଆବାହକ ସାହୁ କହିଛନ୍ତି । ଏଭଳିସ୍ଥଳେ ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡାଙ୍କୁ ସମନ କରିବା ସହିତ ତଦନ୍ତ ପରିସରଭୁକ୍ତ ସହିତ ଗିରଫ କରାଯିବାକୁ ସେ ଦାବି କରିଛନ୍ତି । ଖବରଦାତା ସମ୍ମିଳନୀରେ ଏଏପିର ଜିଲା ସମ୍ପାଦକ ସ୍ୱରୂପ ଭୋଇ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଶୌଚ ହେବାକୁ ଯାଇଥିବା ଯାତ୍ରୀଙ୍କୁ ଛୁରାମାଡ଼

ରାଉରକେଲା,୨୪।୩(ସଙ୍ଗୀତା ଜେନା)
ବିଶାଖାପାଟଣାରୁ ଉତ୍ତରପ୍ରଦେଶ ଯାଉଥିବା ୪ଜଣ ଯୁବକ ଗୋଟିଏ ଟ୍ରେନରୁ ରାଉରକେଲା ଷ୍ଟେଶନ ପ୍ଲାଟଫର୍ମ ନଂ. ୪ରେ ଅନ୍ୟ ଟ୍ରେନ ଧରିବାକୁ ଶନିବାର ବିଳମ୍ବିତ ରାତିରେ ଓହ୍ଲାଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କୁ ପରିସ୍ରା ଲାଗିବାରୁ ସେ ନିକଟରେ ଏକ ଅନ୍ଧାରୁଆ ସ୍ଥାନକୁ ଯାଇଥିଲେ। ସେଠାରେ କେହି ତାଙ୍କ ପେଟକୁ ଛୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଆହତ ଅବସ୍ଥାରେ ଉଦ୍ଧାର କରି ତାଙ୍କୁ ଚିକିତ୍ସା କରାଯାଇଥିଲା। ତେବେ ଆହତ ଯାତ୍ରୀ ଜିଆରପି ଓ ଆର୍‌ପିଏଫ୍‌ରେ ଏତଲା ଦେବାକୁ ରାଜିହୋଇ ନ ଥିଲେ। ଭୟଭୀତ ହୋଇ ସେ ଓ ତାଙ୍କ ୩ ବନ୍ଧୁ ନିଜ ଗ୍ରାମ ଉତ୍ତରପ୍ରଦେଶ ଯିବା ପାଇଁ ଟ୍ରେନ ଧରିଥିଲେ। ରବିବାର ସକାଳେ ସେମାନେ ଯିବା ପରେ ଜିଆରପି ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ସିସିଟିଭି ଯାଞ୍ଚ କରାଯାଉଥିବା ଜଣାପଡ଼ିଛି। ତେବେ ଏପରି ଆକ୍ରମଣ ପୂର୍ବରୁ କେବେ ହୋଇ ନ ଥିବା ଜିଆରପି ପକ୍ଷରୁ କୁହାଯାଇଛି।

### ହୋଲି ଖେଳିଲେ ବିଧାୟକ

ନୂଆଗାଁ,୨୪।୩(ବିଜୟ ତ୍ରିପାଠୀ)
ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ରବିବାର ହୋଲି ଖେଳିଛନ୍ତି। ବିଧାୟକ ମିଟକୁନ୍ଦରି ଦେଓ ନଦୀ କୂଳରେ ଏକ ହୋଲି ମିଳନର ଆୟୋଜନ କରିଥିଲେ। ଏଥିରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ହୋଲି ମିଳନ ନିର୍ବାଚନ ସହିତ କୌଣସି ସମ୍ପର୍କ ନ ଥିବା କଥା ବିଧାୟକ ସ୍ପଷ୍ଟ ଭାବେ ଜଣାଇଥିଲେ। ମଧ୍ୟାହ୍ନ ଭୋଜନର ମଧ୍ୟ ବ୍ୟବସ୍ଥା ହୋଇଥିଲା।

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

ସୁନ୍ଦରଗଡ଼,୨୪।୩
(ଜୟ ନାରାୟଣ ମେଣ୍ଟୁଲି)
ସୁନ୍ଦରଗଡ ସହର ମହେଶଡିହିର ନିଖୋଜ ଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ରବିବାର ସନ୍ଧ୍ୟାରେ ଟାଉନଥାନା ପୋଲିସ ଜବତ କରିଛି। ମୃତ ବ୍ୟକ୍ତିଙ୍କ ନାମ ଜଗବନ୍ଧୁ ପାଣ୍ଡେ(୭୪)। ସେ ଶନିବାରଠାରୁ ନିଖୋଜ ଥିବା ନେଇ ଟାଉନଥାନାରେ ରିପୋର୍ଟ ହୋଇଥିଲା। ରବିବାର ଘରଠାରୁ ପ୍ରାୟ ୩ କିଲୋମିଟର ଦୂର ଫିଙ୍ଗିପଡା ନିକଟସ୍ଥ ବିଲରେ ତାଙ୍କର ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ପରିବାର ଲୋକଙ୍କୁ ଖବର ଦେଇଥିଲା। ପରିବାର ଲୋକେ ମୃତଦେହ ଚିହ୍ନଟ କରିଥିଲେ। ସୋମବାର ସକାଳେ ମୃତଦେହ ବ୍ୟବଚ୍ଛେଦ କରାଯିବ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ମଦ ଜବତ, ୫ ଗିରଫ

ବେଦବ୍ୟାସ,୨୪।୩(ଆଲୋକ ସ୍ୱାଇଁ)
ବେଆଇନ ମଦ ଚାଲାଣ ବେଳେ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ରବିବାର ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରୋହିତ କୁମାର, ଦୀପକ କୁମାର, ରମେଶ ତିୱାରୀ, ବିଭୂତି ଭୂଷଣ ନାୟକ ଓ ପାଣ୍ଡୁର ବିରୁଆ। ସେମାନଙ୍କ ନିକଟରୁ ପୋଲିସ ୬୮ ଲିଟର ବିଦେଶୀ ମଦ ଜବତ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ହୋଲି ପାଇଁ ସେମାନେ ମଦ କଳାବଜାରୀ କରୁଥିଲେ।

# ହୋଲି ପାଇଁ ସବୁଠି ଉତ୍ସାହ

ସୁନ୍ଦରଗଡ଼,୨୪।୩
(ଜୟ ନାରାୟଣ ମେଣ୍ଟୁଲି)

ଆସିଛି ହୋଲି। ଆଣିଛି ରଙ୍ଗର ପସରା। ଫଗୁଣର ପାର୍ବଣ ଫଗୁ ପୂର୍ଣ୍ଣିମା ସମସ୍ତଙ୍କ ମନରେ ଭରିଦିଏ ଉତ୍ସାହ, ଆନନ୍ଦ ଓ ଉଦ୍ଦୀପନା। ବସନ୍ତ ଋତୁର ବିଚିତ୍ର ବର୍ଣ୍ଣ, ସାଜ ସମ୍ଭାରରେ ଅନନ୍ତ କାଳରୁ ରାଧାକୃଷ୍ଣଙ୍କ ଫଗୁ ଖେଳ ଆମ ପ୍ରଥା, ପରମ୍ପରାରେ ରହିଆସିଛି। ରଙ୍ଗର ପର୍ବ ହୋଲି ହର୍ଷୋଲ୍ଲାସର ସହିତ ସମସ୍ତଙ୍କ ମଧ୍ୟରେ ସୃଷ୍ଟି କରିଥାଏ ଭାଇଚାରା। ପରସ୍ପର ବିଭିନ୍ନ ରଙ୍ଗର ପସରାରେ ରଙ୍ଗିନ କରି ବାଣ୍ଟି ଥାଆନ୍ତି ସ୍ନେହ ଓ ପ୍ରେମ। ଏହି ଅବସରରେ ନିଜର ପିଲାବେଳର ହୋଲି ଖେଳର ସ୍ମୃତିକୁ ନେଇ ବିଭିନ୍ନ ବର୍ଗର ପାଠିକା ପାଠକଙ୍କ ମତକୁ ନେଇ ଏକ ଉପସ୍ଥାପନା।



“ ଫଗୁଣର ମହକରେ ପୁଲ୍‌କିତ ହୋଇଛି ମନ। ରଙ୍ଗ ଖେଳିବାକୁ ମନରେ ନାହିଁ ନ ଥିବା ଉତ୍କଣ୍ଠା। ଏହି ପର୍ବରେ ବେଶି ମନେପଡେ ପିଲାଦିନ। ଆମ ଘରେ ଦୋଳ ପୂର୍ଣ୍ଣିମା ଦିନ ମୋ ଜେଜେମା’ ଘରର ଇଷ୍ଟ ଦେବୀଙ୍କ ପାଖରେ ଆମ୍ବକଷି, ମହୁଲ, ପଳାଶ ଫୁଲ ଓ ଅବିର ଅର୍ପଣ କରିଥାନ୍ତି। ଆମେ ସମସ୍ତଙ୍କୁ ଅବିର ଲଗାଇ ଆଶୀର୍ବାଦ ନେଇଥାଉ। ସନ୍ଧ୍ୟାରେ ସାହିରେ ଠାକୁର ବିମାନରେ ପରିକ୍ରମା କରନ୍ତି। ପରଦିନ ଆମେ ଭଉଣୀ ଭାଇ ସମସ୍ତେ ମିଶି ହୋଲି ଖେଳି ବିଭିନ୍ନ ପ୍ରକାରର ପିଠା ଓ ମିଠା ଖାଇ ଖୁବ୍ ମଜା କରି ଥାଉ।

-ପ୍ରିୟଙ୍କା ଜେନା, ଆଇନଜୀବୀ, ସୁନ୍ଦରଗଡ଼



“ ପିଲାଦିନର ହୋଲିମଜା ନିଆରା ଥିଲା। ସାତଦିନ ଆଗରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇ ଯାଉଥିଲା। ନଡ଼ିଆ କତା, ପଳାଶ ଫୁଲ, ଝରକଲମର କାଳି ଓ ହାଣ୍ଡିକଳାରେ ରଙ୍ଗ ତିଆରି ହେଉଥିଲା। ବାଉଁଶରେ ତିଆରି ପିଚକାରି ସବୁ ଆଗ ରାତିରୁ ପ୍ରସ୍ତୁତ କରି ପାହାନ୍ତିଆରୁ ବାଲ୍ଟିରେ ରଙ୍ଗ ଭରି ସାଙ୍ଗସାଥୀଙ୍କ ମେଳରେ ରାସ୍ତାରେ ଅପେକ୍ଷିତ ଶିକାରର ସନ୍ଧାନ କରିବାର ମଜା ଏବେ ବି ମନକୁ ଉନ୍ମାଦଗ୍ରସ୍ତ କରେ। ଦେହରୁ ରଙ୍ଗ ତ ଉତୁରି ଯାଉଥିଲା ହେଲେ ମନରେ ଲାଗିଥିବା ରଙ୍ଗ ଢେର ଦିନ ରହୁଥିଲା ଓ ଆଜି ବି ଅଛି।

-ଡ. ଚିରବ୍ରତ ଦତ୍ତ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଏଲଏନ ମହାବିଦ୍ୟାଳୟ, ଝାରସୁଗୁଡା ତଥା ବରିଷ୍ଠ ନାଗରିକ, ସୁନ୍ଦରଗଡ଼



“ ମୋ ପିଲାଦିନର ହୋଲି ଖେଳ ଗାଁରେ କଟିଛି। ମୁଁ ଛୋଟ ଥିଲା ବେଳେ ହୋଲି ଖେଳିବାକୁ ବହୁତ ଭଲ ପାଉଥିଲି। ବାପା ବାଉଁଶରେ ପିଚକାରି ତିଆରି କରି ଦେଉଥିଲେ। ଆମେ ସାଙ୍ଗମାନେ ପଳାଶ ଫୁଲ ଆଣୁଥିଲୁ। ମା’ ଗୋଟିଏ ବଡ଼ ହାଣ୍ଡିରେ ଏହି ଫୁଲକୁ ସିଝାଇ ରଙ୍ଗ ତିଆରି କରୁଥିଲା। ସେହି ରଙ୍ଗ ପାଣି ବାଉଁଶ ପିଚକାରିରେ ଭରି ଖେଳୁଥିଲୁ। ଦାଣ୍ଡ ଦୁଆର ମୁହଁରେ ବାଲ୍ଟିରେ ରଙ୍ଗ ପାଣି ରଖା ଯାଇଥାଏ। ବାଟରେ ଯିଏ ଯାଉଥାଏ ତା’ ଦେହରେ ପିଚକାରି ମାରି ଖୁସିରେ ନାଚି ଉଠୁଥିଲି। ସେତେବେଳେ ଖାଲି ନାଲି ଗୋଲାପି ରଙ୍ଗର ଫଗୁ ମିଳୁଥିଲା। ଦୌଡ଼ି ଦୌଡ଼ି ସାଙ୍ଗମାନଙ୍କ ମୁହଁରେ ଫଗୁ ଲଗାଇବା ପାଇଁ ଅତ୍ୟନ୍ତ ଆନନ୍ଦଦାୟକ ଥିଲା। ପିଲାଦିନର ହୋଲି ଖେଳ ଏବେ ବି ମନେପଡ଼େ।

-ପୁଷ୍ପଲତା ପାଣିଗ୍ରାହୀ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, ସୁନ୍ଦରଗଡ଼



“ କଟକରୁ ମୋ’ହୋଲି ପର୍ବ ଆରମ୍ଭ। ସେତେବେଳେ ଜାଣି ନ ଥିଲି ରଙ୍ଗ ଖେଳର ସ୍ୱରୂପ। ରଙ୍ଗ ପାଣି ଓ ରଙ୍ଗ ବେରଙ୍ଗର ଫଗୁ ମୋ ଉପରେ ଢାଳି ଦେବା ପରେ ମୁଁ ଯେତେ କାନ୍ଦି ଥିଲି ଆଜି ମଧ ସ୍ମରଣରେ ଅଛି। ଗାଁରେ ରଙ୍ଗ ଖେଳ, ସାଙ୍ଗସାଥୀଙ୍କ ସହ ହୋଲି ପର୍ବ ମନେଇବା ତାହାର ଗୁରୁତ୍ୱ ଆଜି ନ ଥିବା ପରି ଅନୁଭବ ହୁଏ। ଶୈଶବ ଓ ରଙ୍ଗର ପର୍ବ -ଏକ ସ୍ମରଣୀୟ, ସଜୀବ ଫଟୋଚିତ୍ର ଭଳି ମୋ ଭିତରେ ଚିରକାଳ ସାଇତି ହୋଇ ରହିଛି।

-ଡ. ସୁପ୍ରିୟା ପାଲ, ପ୍ରାଧାପିକା, ବଡଗାଁ କଲେଜ, ସୁନ୍ଦରଗଡ଼



“ ହୋଲି ଆସିଲେ ଏବେ ବି ମନେପଡ଼େ ସେଇ ପିଲାଦିନର ନିଆରା ଅନୁଭୂତି। ହୋଲି ଦିନ ସକାଳୁ ରଙ୍ଗର ପିଚକାରି ସହ ଶୁଖିଲା ଅବିର ହାତରେ ଧରି ଘରକୁ ଘର ବୁଲି ସାଙ୍ଗଙ୍କ ସହ ମନଭରି ରଙ୍ଗ ଖେଳର ମଜା ଓ ପୋଖରୀରେ ସାବୁନ ଲଗାଇ ଗାଧୋଇବାର ଦୃଶ୍ୟ ମନେ ହୁଏ ପୁଣି ସେଇ ପିଲାଦିନ ଫେରିଆସନ୍ତା କି!

-ସୁଧାଂଶୁ ଶେଖର ଚୌଧୁରୀ, ପ୍ରକୃତିପ୍ରେମୀ, ସୁନ୍ଦରଗଡ଼

## ହୋ ମୁଣ୍ଡା, ମୁଣ୍ଡାରୀ ସମାଜର ସମନ୍ୱୟ ସମାବେଶ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ବଣାଇଁ,୨୪।୩(ପ୍ରଦୀପ ତ୍ରିପାଠୀ)
ବଣାଇଁ ଉପଖଣ୍ଡ ତଥା ବଣାଇଁ ବିଧାନସଭା ନିର୍ବାଚନ ମଣ୍ଡଳୀର ଚନ୍ଦ୍ରପୁର ଖେଳପଡିଆଠାରେ ହୋ ମୁଣ୍ଡା, ମୁଣ୍ଡାରୀ ସମାଜର ଏକ ସମନ୍ୱୟ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ବିଭିନ୍ନ କୋଣରୁ ୪ ହଜାରରୁ ଊର୍ଦ୍ଧ୍ୱ ମହିଳା ପୁରୁଷ, ଯୁବକ ଯୋଗଦେଇଥିଲେ। ଆସନ୍ନ ନିର୍ବାଚନ ପୂର୍ବରୁ ଏହି ସମାବେଶର ନେତୃତ୍ୱ ସାମାଜର ଶିକ୍ଷିତ ଯୁବକ ଡା. ମହେନ୍ଦ୍ର ସଏ ନେଇଥିବା ବେଳେ ସଭାରେ ବିଜୁ ଜନତା ଦଳ ରାଉରକେଲା ସାଙ୍ଗଠନିକ ଜିଲା ସଭାପତି ହାଲୁ ମୁଣ୍ଡାରୀ, ସୁନ୍ଦରଗଡ଼ ଜିଲା ସତନ୍ତ୍ର ଉନ୍ନୟନ ପରିଷଦ ଉପ ସଭାପତି ସୁଶିଳା ଟପ୍ପୋ, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ସମାବେଶରେ ସମ୍ପ୍ରଦାୟର ସାଂସ୍କୃତିକ, ସ୍ୱାସ୍ଥ୍ୟ ଓ ଶିକ୍ଷା ସମ୍ବନ୍ଧରେ ଏକ ସଚେତନତା ବାର୍ତ୍ତା ଦିଆଯିବା ସହ ଆଦିବାସୀଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିବା ଯୋଜନା ଆଜି ସ୍ପଷ୍ଟ ବାରି ହୋଇପଡୁଛି ବୋଲି ମତ ଦେବା ସହ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ନିର୍ବାଚନରେ ବଣାଇଁ ଉପଖଣ୍ଡରେ ମୁଣ୍ଡା ସାମାଜର ଏକ ପ୍ରମୁଖ ଭୂମିକା ରହିଆସିଛି । ଉପଖଣ୍ଡରେ ୮୦ ହଜାରରୁ ଊର୍ଦ୍ଧ୍ୱ ଏହି ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଆଜିର ଏହି ସମାବେଶ ବିଜୁ ଜନତା ଦଳର ସପକ୍ଷରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି। ଆଗାମୀ ଦିନରେ ମୁଣ୍ଡା ସମ୍ପ୍ରଦାୟର ଜଣେ ଶିକ୍ଷିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ନେତୃତ୍ୱ ପ୍ରଦାନ କଲେ ଦଳ ମତ ନିର୍ବିଶେଷରେ ସମସ୍ତ ସାମାଜ ଏକତ୍ରିତ ହୋଇ ସହଯୋଗ କରିବା ନେଇ ଶପଥ ନେଇଥିବା ଜଣାପଡିଛି। ଶେଷରେ ପ୍ରାୟ ୧୭ଟି ଦଳ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ।

## ସରକାରୀ ସ୍ତରରେ ଓଡ଼ିଶା ଦିବସ ପାଳନ ପାଇଁ ଦାବି



ବୈଠକରେ ଉପସ୍ଥିତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା।

ରାଉରକେଲା,୨୪।୩( ଦିନେଶ ମିଶ୍ର)
୧୯୩୬ ଏପ୍ରିଲ ୧ ତାରିଖରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲା। ଏହିଦିବସକୁ ରାଜ୍ୟରେ ଓଡ଼ିଶା ଦିବସ ରୂପେ ପାଳନ କରାଯାଉଛି। ତେବେ ରାଉରକେଲାରେ ଏହି ଦିବସ ପାଳନକୁ ନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଉ ନ ଥିବାରୁ ସହରବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଛେଣ୍ଡ ସ୍ଥିତ ମଧୁସୂଦନ ପାଠାଗାରରେ ଉତ୍କଳ ସମ୍ମିଳନୀର ସମ୍ପାଦକ ଅକ୍ଷୟ କୁମାର ଦାସଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉତ୍କଳ ମେଲ୍‌ର ସମ୍ପାଦକ ଡକ୍ଟର ପୀତବାସ ମିଶ୍ରଙ୍କ ସଭାପତିତ୍ୱରେ ସହରର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ସୋମବାର ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ଭେଟି ସହରରେ କିପରି ମହାସମାରୋହରେ ପାଳନ କରାଯିବ ସେ ନେଇ ଆଲୋଚନା କରିବେ ବୋଲି ପ୍ରସ୍ତାବ ପାରିତ ହୋଇଛି। ବୈଠକରେ ପ୍ରଗତି ଉତ୍କଳ ସଂଘ, ଗୋପବନ୍ଧୁ ପାଠାଗାର, ବାସନ୍ତୀ ପାଠାଗାର, ବାସନ୍ତୀ ସାଂସ୍କୃତିକ ପରିଷଦ, ଉତ୍କଳମଣି ୱେଲଫେୟାର ଟ୍ରଷ୍ଟ, କ୍ଲିନ ଏଣ୍ଡ ଗ୍ରୀନ, ସଚେତନ ନାଗରିକ ମଞ୍ଚ, ସୁନାଫୁଲ ସାହିତ୍ୟ ସଂସଦ, ସୁବର୍ଣ୍ଣରେଖା, ଧାମରା ସଂଘ, ମଧୁସୂଦନ ପାଠାଗାର, ନିଖିଳ ଖଣ୍ଡାୟତ ସମାଜ, ଶ୍ରଦ୍ଧା ସହଯୋଗ ସମିତି, ସଂକଳ୍ପ ଆଦି ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଶିବିରରେ ୬୩୫ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବରଗଡ଼,୨୪।୩
(ପ୍ରେମାନନ୍ଦ ଖମାରୀ)
ଜନଜୀବନ ବିକାଶ ଟ୍ରଷ୍ଟ ଏବଂ ମୁରଲି କ୍ରୀଷ୍ଣା ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଡୁଙ୍ଗୁରିଠାରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରମୋଦ ଝାଙ୍କର ଶିବିରକୁ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟ ସଭାପତି ପ୍ରେମାନନ୍ଦ ସା, ଉପଦେଷ୍ଟା ସାକେତ ଶ୍ରୀଭୂଷଣ ସାହୁ, ଅତିଥି ଟଙ୍କଧର ପ୍ରଧାନ, ସୁରେଶ ପ୍ରଧାନ, ଗୋବିନ୍ଦ ଦାଶ, କେଦାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମୁରଲୀ କ୍ରୀଷ୍ଣା ଫାଉଣ୍ଡେଶନ ତରଫରୁ ୫ଜଣ ଡାକ୍ତର, ପାରା ମେଡ଼ିକାଲ କର୍ମଚାରୀ ଶିବିରରେ ୬୩୫ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେମାନଙ୍କୁ ଔଷଧ ମଧ୍ୟ ପ୍ରଦାନ କରାଯାଇଥିଲା।

## ଆରଏସ୍‌ଇ ସାମୂହିକଙ୍କ ଉଦ୍ୟୋଗୀ ପ୍ରୟାସ ଦ୍ୱାରା ସଞ୍ଚୟ ସାଧନ



ଆରଏସ୍‌ପି ଆରଏସଇ ଅଧିକାରୀ।

ରାଉରକେଲା,୨୪।୩
(ବିପ୍ଳବ ରଞ୍ଜନ ଦାଶ)
ଆର୍‌ଏସପି ରିପାୟାର ଶପ୍ ବିଦ୍ୟୁତ୍ ବିଭାଗର ଷ୍ଟିଲ ମେଲ୍ଟିଂ ଶପ୍-୨ କନଭେଟର-୩ ଜଟିଳ ଉଚ୍ଚ ରେଟିଂ ଆଇଡି ଫ୍ୟାନ ଏଚ୍‌ଟି ମୋଟର ସଫଳ ମରାମତି ପୂର୍ବକ କାରଖାନା ଲାଗି ବିପୁଳ ସଞ୍ଚୟ ଆଣି ଦେଇଛି। ଉଲ୍ଲେଖଯୋଗ୍ୟ ଯେ,ଉକ୍ତ ଭାରି ଡ୍ୟୁଟି ୨୫ଶହ କିଲୋୱାଟ ବିଏଚଇଏଲ ନିର୍ମିତ ଏଚ୍‌ଟି ମୋଟର କନଭର୍ଟର-୩ରେ ୨୦୧୨ଠାରୁ କାର୍ଯ୍ୟକ୍ଷମ ଥିଲା। ଯାହାକୁ ମରାମତି ପାଇଁ ନିଷ୍ପତ୍ତି ନିଆଯାଇଥିଲା। ନିଜସ୍ୱ ଦକ୍ଷତା ଉପଯୋଗ ପୂର୍ବକ ଏହାର ମରାମତି ସମ୍ପନ୍ନ କରିବାର ଆହ୍ୱାନକୁ ରିପାୟାର ସପ (ଇଲେକ୍ଟ୍ରିକାଲ) ଗ୍ରହଣ କରିଥିଲା। ସୁଚିନ୍ତିତ ଯୋଜନା ଏବଂ କାର୍ଯ୍ୟକାରିତାର ସହିତ ବିଭାଗୀୟ ସାମୂହିକ ଏହି କାର୍ଯ୍ୟ ସଫଳତାର ସହିତ ସମ୍ପାଦନ କରିଥିଲା। ସୂଚନାଯୋଗ୍ୟ, ଏହା ବିଭାଗୀୟ ସାମୂହିକଙ୍କ ଦ୍ୱାରା ଆଇଡି ଫ୍ୟାନ-୩ ମୋଟରର ସର୍ବପ୍ରଥମ ମରାମତି ଥିଲା। ୨୦୧୬ରେ ଉପରୋକ୍ତ ମୋଟରର ମୂଲ୍ୟ ୭୯ଲକ୍ଷ ଟଙ୍କା ରହିଥିବା ଦୃଷ୍ଟୀରୁ ଏହି ପ୍ରୟାଶ କାରଖାନା ନିମନ୍ତେ ବିପୁଳ ସଞ୍ଚୟ ଆଣିବାରେ ସାହାଯ୍ୟ କରିଛି। ନିକଟରେ ଏସଏମଏସ-୨ ବିଭାଗରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏସଏମଏସ-୨ ବିଭାଗର ସିଜିଏମ ଟି.ପି ଶିବଶଙ୍କର ମୋଟରର ମରାମତି ସହିତ ସଂପୃକ୍ତ କର୍ମଚାରୀ ଦଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## କେଜ୍ରିୱାଲଙ୍କ ଗିରଫ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ରାଉରକେଲା,୨୪।୩
(ସଙ୍ଗୀତା ଜେନା)



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ କରାଯିବା ପରେ ସାଂଘାତିକ ତଥ୍ୟ ପଦାକୁ ଆସିଛି। ଏଥିରେ ଭାଜପା ପ୍ରକୃତ ଅପରାଧୀ ଓ ଚକ୍ରାନ୍ତକାରୀ ବୋଲି ଆମ୍ ଆଦ୍‌ମୀ ପାର୍ଟି ଅଭିଯୋଗ କରିଛି। ଇଡ଼ି ଭାଜପା ନେତାମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ବାସନ୍ତୀ କଲୋନୀଠାରେ ରବିବାର ରାଉରକେଲା ଆମ ଆଦମୀ ପାର୍ଟି (ଆପ୍) ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆବାହକ ବିନୟ ତିୱାରୀ ଦାବି କରିଛନ୍ତି। ସେ କହିଛନ୍ତି, ଇଡ଼ି ବକ୍ତବ୍ୟ ବ୍ୟତୀତ କୌଣସି ପ୍ରମାଣ ଏଯାବତ୍ ଦେଇ ପାରିନାହିଁ। ମନୀଷ ସିଶୋଦିଆଙ୍କ ମାମଲା ପରେ କୋର୍ଟରେ ଇଡ଼ି ପ୍ରମାଣ ଦେଇ ପାରିନାହିଁ। ଦିଲ୍ଲୀ ସିଏମ୍‌ଙ୍କୁ ଜାଣିଶୁଣି ଫସାଯାଇଛି ବୋଲି ତିୱାରୀ କହିଥିଲେ। ଏଥିରେ ଦଳର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ରାଷ୍ଟ୍ରଭାଷା ପ୍ରଚାର, ବିକାଶ ସଂସ୍ଥାନ ବୈଠକ

ରାଉରକେଲା,୨୪।୩( ଦିନେଶ ମିଶ୍ର)
ସେକ୍ଟର-୬ ସ୍ଥିତ ରାଷ୍ଟ୍ରଭାଷା ପ୍ରଚାର ଓ ବିକାଶ ସଂସ୍ଥାନ ପକ୍ଷରୁ ଏକ ଅର୍ଦ୍ଧବାର୍ଷିକ ବୈଠକ ରବିବାର ଆୟୋଜିତ ହୋଇଥିଲା। ଏଥିରେ ସଂସ୍ଥାନ ସଭାପତି ନାରାୟଣ ପତି ସଭାପତିତ୍ୱ କରିଥିଲେ। ରାଉରକେଲା ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରାଷ୍ଟ୍ରଭାଷାର ବହୁଳ ପ୍ରଚାର ପ୍ରସାର ଉପରେ ବୈଠକରେ ଗୁରୁତ୍ୱରୋପ କରାଯାଇଥିଲା। ସେକ୍ଟର-୧୮ସ୍ଥିତ ଦୀପିକା ଇସ୍ପାତ ଶିକ୍ଷା ସଦନରେ ବର୍ଷରେ ଦୁଇଥର ଅନୁଷ୍ଠିତ ହେଉଥିବା ରାଷ୍ଟ୍ରଭାଷା ରତ୍ନ ପରୀକ୍ଷା ବିଷୟରେ ସମସ୍ତ ସ୍କୁଲ, କଲେଜମାନଙ୍କ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କୁ ଅବଗତ କରାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରାରମ୍ଭରେ ସଂସ୍ଥାନର ମ୍ୟାନେଜିଂ ଟ୍ରଷ୍ଟି ତଥା ସମ୍ପାଦକ ଜଗନ୍ନାଥ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ହାଇସ୍କୁଲ ଓ ଯୁକ୍ତ ୨ ସ୍ତରରେ ବିଦ୍ୟାର୍ଥୀମାନଙ୍କ ନିମନ୍ତେ ଏକ ହିନ୍ଦୀ ଭାଷଣ ପ୍ରତିଯୋଗିତା ଆୟୋଜନ କରାଯାଇ ଆଗାମୀ ହିନ୍ଦୀ ଦିବସ ଅବସରରେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରମାଣପତ୍ର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବିଏଚ୍‌ଇଡି ପ୍ରଶିକ୍ଷଣ ପାଇଁ ବିଦ୍ୟାର୍ଥୀମାନଙ୍କୁ ପ୍ରୋତ୍ସାହିତ କରିବା ଲାଗି ବୈଠକରେ ଚର୍ଚ୍ଚା ହୋଇଥିଲା। ବୈଠକରେ ସୁଦର୍ଶନ ପ୍ରସାଦ, ସସ୍ମିତା ପାଲ, ରଶ୍ମି ଦାଶ, ଅଲେଖ ଚନ୍ଦ୍ର ନାୟକ, ମଙ୍ଗଳ ସିଂ, ଶରତ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ସଦସ୍ୟ ପ୍ରଭାତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ସଂସ୍ଥାନର କର୍ମକର୍ତ୍ତାଗଣ।

## ଭାଜପାର ଶକ୍ତି ପ୍ରଦର୍ଶନ, ମିଶ୍ରଣ ପର୍ବ

ଝାରସୁଗୁଡ଼ା, ୨୪।୩(ସଞ୍ଜୟ ମାଲି)
ଆଗାମୀ ବିଧାନସଭା ଓ ଲୋକସଭା ନିର୍ବାଚନରେ ନିଜ ଦଳର ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ସମସ୍ତ ରାଜନୈତିକ ଦଳ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଲାଗିପଡିଛନ୍ତି। ଏଥିପାଇଁ ବିଭିନ୍ନ ଦଳ ବିଭିନ୍ନ ପ୍ରକାର କୌଶଳ ଅବଲମ୍ବନ କରୁଛନ୍ତି। ଏହି କ୍ରମରେ ରବିବାର ଝାରସୁଗୁଡାରେ ଭାଜପା ମିଶ୍ରଣ ପର୍ବ ସହ ତା’ର ଶକ୍ତି ପ୍ରଦର୍ଶନ କରିଛି। ଆଗରୁ ବିଜେଡିର ନେତୃତ୍ୱ ନେଉଥିବା ପ୍ରମୋଦ ତ୍ରିପାଠୀ, ସଞ୍ଜୁ ପଣ୍ଡିତ, ମଞ୍ଜିତ ସିଂ ନିକଟରେ ଭାଜପାରେ ମିଶିବା ପରେ ରବିବାର ସେହି ୩ଜଣଙ୍କ ନେତୃତ୍ୱରେ ଭାଜପାର ବିଶାଳ ରାଲି ହୋଇଥିଲା। ଏହି ରାଲି ମନମୋହନ ସ୍କୁଲ ପଡ଼ିଆରୁ ବାହାରି ସହର ପରିକ୍ରମା କରିବା ସଙ୍ଗେ ସଙ୍ଗେ ଦଳ ନିଜର ଶକ୍ତି ପ୍ରଦର୍ଶନ କରିଥିଲା। ରାଲି ଝାରସୁଗୁଡ଼ା ବିଟିଏମସ୍ଥିତ ଭାଜପା କାର୍ଯ୍ୟାଳୟରେ ପହଞ୍ଚିଲା। ସେଠାରେ ମିଶ୍ରଣ ପର୍ବ ହୋଇଥିଲା। ଏହି ମିଶ୍ରଣ ପର୍ବରେ ଅନେକ ସଚେତନ ନାଗରିକ, ବିଜେଡି, କଂଗ୍ରେସ କର୍ମୀ, ନେତା ଦଳ ଛାଡ଼ି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଛନ୍ତି। ମିଶ୍ରଣ ଅବସରରେ ଆୟୋଜିତ ସଭାକୁ ମୁଖ୍ୟ ରୂପେ ପରିଚାଳନା କରିଥିଲେ ରାଜ୍ୟ ଭାଜପା ସମ୍ପାଦକ ଟଙ୍କଧର ତ୍ରିପାଠୀ। ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଝାରସୁଗୁଡ଼ା ଜିଲା ଭାଜପା ସଭାପତି ସୁନୀଲ ପଣ୍ଡା, ବିମଳେନ୍ଦୁ ଭୋଲ, ପ୍ରେମସେନ ଦେ, ଦିଲେଶର ରାଓ, ଡମ୍ବରୁଧର କଣ୍ଟା, ମୋଜୀଲାଲ ଦଂଶନା, ବବଲୁ ସିଂ, ଲଳିତ ମଗର, ସନ୍ତୋଷ ଯାଦବ, ପ୍ରଶାନ୍ତ ପଟେଲ। ଏହି କାର୍ଯ୍ୟକ୍ରମରେ ଭାଜପା ନେତା ତ୍ରିପାଠୀ ସ୍ଥାନୀୟ ବିଧାୟିକାଙ୍କୁ ତୀବ୍ର ସମାଲୋଚନା କରିଥିଲେ।



ଭାଜପା ପକ୍ଷରୁ ଝାରସୁଗୁଡ଼ାରେ ରାଲି କରାଯାଉଛି।

## ସଂକ୍ଷେପରେ

### ଶୌଚ ହେବାକୁ ଯାଇଥିବା ଯାତ୍ରୀଙ୍କୁ ଛୁରାମାଡ଼

**ରାଉରକେଲା,୨୪।୩(ସଙ୍ଗୀତା ଜେନା)** ବିଶାଖାପାଟଣାରୁ ଉତ୍ତରପ୍ରଦେଶ ଯାଉଥିବା ୪ଜଣ ଯୁବକ ଗୋଟିଏ ଟ୍ରେନରୁ ରାଉରକେଲା ଷ୍ଟେଶନ ପ୍ଲାଟଫର୍ମ ନଂ. ୪ରେ ଅନ୍ୟ ଟ୍ରେନ ଧରିବାକୁ ଶନିବାର ବିଳମ୍ବିତ ରାତିରେ ଓହ୍ଲାଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କୁ ପରିସ୍ରା ଲାଗିବାରୁ ସେ ନିକଟରେ ଏକ ଅନ୍ଧାରୁଆ ସ୍ଥାନକୁ ଯାଇଥିଲେ। ସେଠାରେ କେହି ତାଙ୍କ ପେଟକୁ ଛୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଆହତ ଅବସ୍ଥାରେ ଉଦ୍ଧାର କରି ତାଙ୍କୁ ଚିକିତ୍ସା କରାଯାଇଥିଲା। ତେବେ ଆହତ ଯାତ୍ରୀ ଜିଆରପି ଓ ଆର୍‌ପିଏଫ୍‌ରେ ଏତଲା ଦେବାକୁ ରାଜିହୋଇ ନ ଥିଲେ। ଭୟଭୀତ ହୋଇ ସେ ଓ ତାଙ୍କ ୩ ବନ୍ଧୁ ନିଜ ଗ୍ରାମ ଉତ୍ତରପ୍ରଦେଶ ଯିବା ପାଇଁ ଟ୍ରେନ ଧରିଥିଲେ। ରବିବାର ସକାଳେ ସେମାନେ ଯିବା ପରେ ଜିଆରପି ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ସିସିଟିଭି ଯାଞ୍ଚ କରାଯାଉଥିବା ଜଣାପଡ଼ିଛି। ତେବେ ଏପରି ଆକ୍ରମଣ ପୂର୍ବରୁ କେବେ ହୋଇ ନ ଥିବା ଜିଆରପି ପକ୍ଷରୁ କୁହାଯାଇଛି।

### ହୋଲି ଖେଳିଲେ ବିଧାୟକ

**ନୂଆଗାଁ,୨୪।୩(ବିଜୟ ତ୍ରିପାଠୀ)** ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ରବିବାର ହୋଲି ଖେଳିଛନ୍ତି। ବିଧାୟକ ମିଟକୁନ୍ଦରି ଦେଓ ନଦୀ କୂଳରେ ଏକ ହୋଲି ମିଳନର ଆୟୋଜନ କରିଥିଲେ। ଏଥିରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ହୋଲି ମିଳନ ନିର୍ବାଚନ ସହିତ କୌଣସି ସମ୍ପର୍କ ନ ଥିବା କଥା ବିଧାୟକ ସ୍ପଷ୍ଟ ଭାବେ ଜଣାଇଥିଲେ। ମଧ୍ୟାହ୍ନ ଭୋଜନର ମଧ୍ୟ ବ୍ୟବସ୍ଥା ହୋଇଥିଲା।

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

**ସୁନ୍ଦରଗଡ଼,୨୪।୩ (ଜୟ ନାରାୟଣ ମେଣ୍ଡୁଲି)** ସୁନ୍ଦରଗଡ ସହର ମହେଶଡିହିର ନିଖୋଜ ଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ରବିବାର ସନ୍ଧ୍ୟାରେ ଟାଉନଥାନା ପୋଲିସ ଜବତ କରିଛି। ମୃତ ବ୍ୟକ୍ତିଙ୍କ ନାମ ଜଗବନ୍ଧୁ ପାଣ୍ଡେ(୭୪)। ସେ ଶନିବାରଠାରୁ ନିଖୋଜ ଥିବା ନେଇ ଟାଉନଥାନାରେ ରିପୋର୍ଟ ହୋଇଥିଲା। ରବିବାର ଘରଠାରୁ ପ୍ରାୟ ୩ କିଲୋମିଟର ଦୂର ଫିଟିଙ୍ଗପଡା ନିକଟସ୍ଥ ବିଲରେ ତାଙ୍କର ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ପରିବାର ଲୋକଙ୍କୁ ଖବର ଦେଇଥିଲା। ପରିବାର ଲୋକେ ମୃତଦେହ ଚିହ୍ନଟ କରିଥିଲେ। ସୋମବାର ସକାଳେ ମୃତଦେହ ବ୍ୟବଚ୍ଛେଦ କରାଯିବ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ମଦ ଜବତ, ୫ ଗିରଫ

**ବେଦବ୍ୟାସ,୨୪।୩(ଆଲୋକ ସ୍ୱାଇଁ)** ବେଆଇନ ମଦ ଚାଲାଣ ବେଳେ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ରବିବାର ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରୋହିତ କୁମାର, ଦୀପକ କୁମାର, ରମେଶ ତିୱାରୀ, ବିଭୂତି ଭୂଷଣ ନାୟକ ଓ ପାଣ୍ଡୁର ବିରୁଆ। ସୋମାନଙ୍କ ନିକଟରୁ ପୋଲିସ ୬୮ ଲିଟର ବିଦେଶୀ ମଦ ଜବତ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ହୋଲି ପାଇଁ ସେମାନେ ମଦ କଳାବଜାରୀ କରୁଥିଲେ।

# ରଙ୍ଗର ପର୍ବ ହୋଲି ପାଇଁ ସହର ଚଳଚଞ୍ଚଳ



ସମ୍ବଲପୁରର ବିଭିନ୍ନ ସ୍ଥାନରେ ରଙ୍ଗ ଓ ଅବୀର ଦୋକାନ।

- ଜୈବିକ ରଙ୍ଗ ଓ ଅବୀର ଚାହିଦା ସର୍ବାଧିକ
- ସହରରେ ଆଇନଶୃଙ୍ଖଳା ରକ୍ଷା ପାଇଁ ପୋଲିସର ଗୁରୁତ୍ୱ

**ସମ୍ବଲପୁର,୨୪।୩(ପ୍ରମୋଦ ବହିଦାର)** ଆନନ୍ଦ ଉଲ୍ଲାସ ଓ ଭାଇଚାରାର ଅନ୍ୟତମ ପର୍ବ ହୋଲି ପାଇଁ ସମଗ୍ର ସମ୍ବଲପୁର ସହରରେ ପ୍ରସ୍ତୁତି ଆଗେଇ ଚାଲିଛି। ପବିତ୍ର ହୋଲି ଉତ୍ସବକୁ ଧୁମଧାମରେ ପାଳନ ପାଇଁ ସହରଠାରୁ ପୁରପଲ୍ଲୀ ପର୍ଯ୍ୟନ୍ତ ହୋଇ ଉଠିଛି ଚଳଚଞ୍ଚଳ। ଏହାର ଝଲକ ସମ୍ବଲପୁରରେ ଦେଖିବାକୁ ମିଳିଛି। ସହରର ବିଭିନ୍ନ ସ୍ଥାନରେ ଭଳିକି ଭଳି ରଙ୍ଗ, ପିଚକାରୀ, ଅବୀର ଆଦି ସହିତ ଟୋପି, ଜର୍ସି, ମାସ୍କ ପସରା ମେଲାଇ ଗ୍ରାହକଙ୍କୁ ଆକୃଷ୍ଟ କରିବାରେ ଲାଗିପଡ଼ିଛନ୍ତି ବ୍ୟବସାୟୀମାନେ। ସମ୍ବଲପୁର ସହରର ମୁଖ୍ୟ ବ୍ୟବସାୟୀକ ପେଣ୍ଠସ୍ଥଳି ଗୋଲବଜାର ସହିତ ପୀରବାବାଛକ, ଧନୁପାଲି, ଗୋବିନ୍ଦଟୋଲା, ଲକ୍ଷ୍ମୀଟକିଜ୍ ଛକ, ଫାଟକ, ଜିଏମ୍ କଲେଜ ଛକ, ବୁଢ଼ାରଜା, ଶାନ୍ତିନଗର ଛକ, ଜଗନ୍ନାଥ କଲୋନୀ ଛକ, ଅଇଁଠାପାଲି ଛକ, ବଡ଼ବଜାର, କମଲିବଜାର, କ୍ଷେତରାଜପୁର, ବରାଇପାଲି ଆଦି ଅଞ୍ଚଳରେ ରାସ୍ତା କଡ଼ରେ ବ୍ୟବସାୟୀମାନେ ସୁଗନ୍ଧଯୁକ୍ତ ଅବୀର, ରଙ୍ଗ ତଥା ଖେଳାନାକୃତିର ପିଚକାରୀ ଆଦି ବିକ୍ରୟ ହେଉଥିବା ଦେଖିବାକୁ ମିଳିଛି। ଚଳିତବର୍ଷ ନିରାପଦ ଓ ସୁରକ୍ଷିତ ହୋଲି ଖେଳକୁ ଗୁରୁତ୍ୱ ଦିଆଯାଉଥିବାବେଳେ ବ୍ୟବସାୟୀମାନେ ମଧ ସେହି ଅନୁସାରେ ରଙ୍ଗ ଓ ଅବୀର ବିକ୍ରୟ କରୁଥିବା ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ରାସାୟନିକ ରଙ୍ଗ ବା ଅପମିଶ୍ରିତ ରଙ୍ଗକୁ ନିଷିଦ୍ଧ କରିଥିବା ବେଳେ ଏହାର ଖିଲାପିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚେତାବନୀ ଦିଆଯାଇଛି। ସେହିପରି ସଚେତନତା କାରଣରୁ ଲୋକଙ୍କ ମଧରେ ମଧ ଅପମିଶ୍ରିତ ବା ରାସାୟନିକ ରଙ୍ଗ ଓ ଅବୀର ବଦଳରେ ଜୈବିକ ତଥା ପ୍ରାକୃତିକ ରଙ୍ଗ ବା ଅବୀର ପ୍ରତି ଲୋକେ ବିଶେଷ ଆଗ୍ରହ ପ୍ରକାଶ କରୁଥିବା ଦୋକାନୀମାନେ କହିଛନ୍ତି। ବିଶେଷକରି ବ୍ରାଣ୍ଡେଡ୍ ଅବୀରର ସର୍ବାଧିକ ଚାହିଦା ରହିଥିବା ସେମାନେ କହିଛନ୍ତି।

ଏହା ବ୍ୟତୀତ ହୋଲିରେ ମିଷ୍ଟାନ୍ନ ବଣ୍ଟନର ଏକ ବିଶେଷ ସ୍ଥାନ ରହିଛି। ହୋଲି ଖେଳ ପାଇଁ ଘରକୁ ଆସୁଥିବା ଜାତିଧର୍ମ ନିର୍ବିଶେଷରେ ବନ୍ଧୁ ପରିଜନଙ୍କ ସ୍ୱାଗତାର୍ଥେ ମିଷ୍ଟାନ ଖୁଆଇ ଅପ୍ୟାୟିତ କରିବାର ପରମ୍ପରା ରହିଛି। ତେଣୁ ହୋଲି ପାଇଁ ବିଭିନ୍ନ ମିଷ୍ଟାନ ଦୋକାନ ଗୁଡ଼ିକରେ ମଧ ପ୍ରସ୍ତୁତି ଆରମ୍ଭ ହୋଇଛି। ହୋଲି ଦିବସରେ ଆସନ୍ତା ମାର୍ଚ୍ଚ ୨୬ରେ ମଦ ଦୋକାନଗୁଡ଼ିକ ବନ୍ଦ ରହିବ। ତେବେ ବେଆଇନ ମଦ ବିକ୍ରୀ ଉପରେ ନଜର ରଖିବା ସହିତ ସହରରେ ଆଇନଶୃଙ୍ଖଳା ରକ୍ଷାକୁ ପୋଲିସ ବିଭାଗ ବିଶେଷ ଗୁରୁତ୍ୱ ଦେଇଛି। ଏଥିପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ସ୍ଥାନମାନଙ୍କରେ ପୋଲିସ ବାହିନୀଙ୍କୁ ନିୟୋଜିତ କରାଯିବା ସହ ବିଭିନ୍ନ ନଦୀ ଓ ପୋଖରୀର ଗାଧୁଆ ତୁଠମାନଙ୍କରେ ସ୍ନାନ ସମୟରେ ଆବଶ୍ୟକ ସତର୍କତା ସମ୍ପର୍କିତ ସଚେତନତା ଧର୍ମୀ ବ୍ୟାନରଗୁଡ଼ିକ ଲଗାଯିବାର ବ୍ୟବସ୍ଥା ହୋଇଛି। ସେହିପରି ମଦୁଆଙ୍କୁ ଧରିବା ସକାଶେ ବିଭିନ୍ନ ସ୍ଥାନରେ ଚଢ଼ଉ ପାଇଁ ମୋବାଇଲ୍ ପୋଲିସ ବାହିନୀଙ୍କୁ ମଧ ନିୟୋଜିତ କରାଯିବ। ମହାନଦୀର ଦ୍ୱିତୀୟ ସେତୁ, ସହର ମଧରେ ଥିବା ଫ୍ଲାଇ ଓଭର ଓ ସହର ମଧରେ ଥିବା ବିଭିନ୍ନ ସମ୍ବେଦନଶୀଳ ଛକମାନଙ୍କରେ ପୋଲିସ ସୁରକ୍ଷା ବାହିନୀଙ୍କୁ ନିୟୋଜିତ କରାଯିବ। ଉକ୍ତଦିନ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ୨୪ ଘଣ୍ଟା ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଯୋଗାଣ ଆଦି ସହିତ ଅଗ୍ନିଶମ ବାହିନୀଙ୍କୁ ସଜାଗ ରଖାଯିବାର ବ୍ୟବସ୍ଥା ହୋଇଛି।

## ଭାଜପାର ନାରୀଶକ୍ତି ବନ୍ଦନା କାର୍ଯ୍ୟକ୍ରମ



ନାରୀ ଶକ୍ତି ବନ୍ଦନା କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା।

**ନାକଟୀଦେଉଳ, ୨୪।୩(ବୈକୁଣ୍ଠନାଥ ସାହୁ)** ସମ୍ବଲପୁର ଜିଲା ରେଢାଖୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନାକଟୀଦେଉଳ ବ୍ଲକ ବଳମ ପଞ୍ଚାୟତ ଅନ୍ତର୍ଗତ ଉପରମୁଣ୍ଡା–ଟିକିଲିପଡ଼ା ରାସ୍ତାର ଟିକିରା ନଦୀ ନିକଟ ଆମ୍ବତୋଟାରେ ରବିବାର ଭାଜପା ପକ୍ଷରୁ ନାରୀ ଶକ୍ତି ବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକର ଜୋନ ୧ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ବିନୋଦିନୀ ପ୍ରଧାନ ସଭାପତିତ୍ୱ କରିଥିଲେ। ସମାବେଶରେ ବରିଷ୍ଠ ନେତା ଦେବେନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି, ଓବିସି ମୋର୍ଚ୍ଚା ରାଜ୍ୟ ସମ୍ପାଦିକା ସସ୍ମିତାରାଣୀ ଦେହୁରୀ, ରେଢାଖୋଲ ନିର୍ବାଚନ ମଣ୍ଡଳୀ ଦଳୀୟ ପ୍ରଭାରୀ ଅର୍ଜ୍ଜୁନ ପଟ୍ଟନାୟକ, ନିର୍ବାଚନ ମଣ୍ଡଳୀ ସଂଯୋଜକ ମିତ୍ରଭାନୁ ପ୍ରଧାନ, କିସିଣ୍ଡା ମଣ୍ଡଳ ସଭାପତି ନେତ୍ରାନନ୍ଦ ରାଉଳ, ନାକଟୀଦେଉଳ ମଣ୍ଡଳ ସଭାପତି ପ୍ରମୋଦ କୁମାର ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ନେତୃବୃନ୍ଦ ନରେନ୍ଦ୍ର ମୋଦୀ ସରକାରଙ୍କ ନେତୃତ୍ୱାଧୀନ କେନ୍ଦ୍ରର ଭାଜପା ସରକାର ମହିଳାମାନଙ୍କ ବିକାଶ ନିମନ୍ତେ କାର୍ଯ୍ୟକାରୀ କରୁଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବୁଝାଇଥିଲେ। ବିକଶିତ ରାଷ୍ଟ୍ର ଗଠନରେ ମହିଳାମାନଙ୍କର ସହଭାଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ମହିଳାମାନଙ୍କ ବିକାଶ ପାଇଁ କେନ୍ଦ୍ରର ସମସ୍ତ ଯୋଜନାକୁ ରାଜ୍ୟ ସରକାର ନିଜ ଯୋଜନାରେ କାର୍ଯ୍ୟକାରୀ କାରି ବାହାବା ନେଉଛନ୍ତି ବୋଲି ଅଭିଯୋଗ କରିଥିଲେ। ଏଥିସହିତ ଉଜ୍ୱଳା ଗ୍ୟାସ ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମିଶନ ଶକ୍ତି ଯୋଜନାର ସମ୍ପର୍କରେ ନେତୃବୃନ୍ଦ ଆଲୋକପାତ କରିଥିଲେ। ତେଣୁ ସମସ୍ତ ନାରୀଶକ୍ତି ଏ ଦିଗରେ ସଚେତନ ହୋଇ ଆଗାମୀ ଦିନରେ ରାଜ୍ୟ ସରକାରକୁ କଡ଼ା ଜବାବ ଦେବାକୁ ଭାଜପା ନେତୃବର୍ଗ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଦଳୀୟ ମହିଳା କାର୍ଯ୍ୟକର୍ତ୍ତା ବିଜାଗଡ଼ ରାଧାକୃଷ୍ଣ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି କାର୍ଯ୍ୟକ୍ରମ ସ୍ଥଳକୁ ଆସିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଳମ ପଞ୍ଚାୟତର ପୂର୍ବତନ ସରପଞ୍ଚ ସାବିତ୍ରୀ ପ୍ରଧାନ, ବଳମ ପଞ୍ଚାୟତ ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରମୋଦା ବିଶ୍ୱାଳ, ସମ୍ପାଦିକା ଶୋଭାଗିନୀ ରାଉଳ, ଖୁଲଣା ସାହୁ, ସସ୍ମିତା ସାହୁ, ବିଜୟାନନ୍ଦ ପ୍ରଧାନ, ମନୋରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ହାସ୍ୟ, ବ୍ୟଙ୍ଗ କବି ସମ୍ମିଳନୀ




ରାଜ୍ୟସ୍ତରୀୟ ହାସ୍ୟ ଓ ବ୍ୟଙ୍ଗ କବି ସମ୍ମିଳନୀରେ ଉପସ୍ଥିତ କବି।

**ସମ୍ବଲପୁର,୨୪।୩(ବି.ଶଙ୍କର)** ଓଡିଶା ସାଂସ୍କୃତିକ ସମାଜ ପକ୍ଷରୁ ରାଜ୍ୟସ୍ତରୀୟ ହାସ୍ୟ ଓ ବ୍ୟଙ୍ଗ କବି ସମ୍ମିଳନୀ ରବିବାର ରାତିରେ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ସମାଜର ସଭାପତି ଅଶୋକ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀ ହୋଇଥିଲା। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ ସମାଜର ଶିକ୍ଷା ଓ ପାଠାଗାର ଉପସମିତି ଆବାହକ ଡ. ଗୌରିଦାସ ପଧାନ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରସିଦ୍ଧ ହାସ୍ୟ କବି ଜ୍ଞାନ ହୋତାଙ୍କ ସଂଯୋଜନାରେ ବୌଦ୍ଧରୁ ଶାନ୍ତନୁ ପାଣିଗ୍ରାହୀ, ଭୁବନେଶ୍ୱରରୁ ସତ୍ୟାନାଶ, ବରଗଡରୁ ମନୋରଞ୍ଜନ ସାହୁ (ମନମାଷ୍ଟ୍ରେ) ଓ ସମ୍ବଲପୁରରୁ ଡ. ଆର୍ତ୍ତତ୍ରାଣ ମିଶ୍ର, ଗୁଣରଞ୍ଜନ ସାଲିମା ପ୍ରମୁଖ ହାସ୍ୟକବି ଯୋଗଦେଇ ଗାଁଠାରୁ ସହରୀ ସଭ୍ୟତା ଉପରେ ଓ ପରିବର୍ତ୍ତିତ ସମାଜ ତଥା ସାମାଜିକ ଏବଂ ପାରିବାରିକ ସମ୍ପର୍କ ଇତ୍ୟାଦି ବିଷୟ ଉପରେ ହାସ୍ୟ କବିତାମାନ ପରିବେଷଣ କରି ଶ୍ରୋତାମାନଙ୍କୁ ହାସ୍ୟରସରେ ଅଭିଭୂତ କରିଥିଲେ। ସାମ୍ପ୍ରତିକ ବ୍ୟସ୍ତ ବହୁଳ ଜୀବନରୁ ସମୟ କାଢି ହାସ୍ୟରସ ଆମୋଦରେ ନିଜକୁ ମଞ୍ଜାଇ ଦେବା ନିମନ୍ତେ ଶ୍ରୋତାମାନଙ୍କ ଅଭୂତପୂର୍ବ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଆଶାତୀତ ଭାବେ ଏହି ସମ୍ମିଳନୀରେ ସମାଜର ସବୁ ବର୍ଗର ନାଗରିକଙ୍କ ଭିଡ ଜମିଥିଲା। ସୂଚନାଯୋଗ୍ୟ ଯେ, ଓଡିଶା ସାଂସ୍କୃତିକ ସମାଜ ପକ୍ଷରୁ ପ୍ରଥମ ଥର ପାଇଁ ଏତାଦୃଶ ହାସ୍ୟକବି ସମ୍ମିଳନୀ ଆୟୋଜିତ ହୋଇଥିବା ଓ ଆଗାମୀ ବର୍ଷଗୁଡିକରେ ମଧ ସୁବିଧା ଦେଖି ଏଭଳି ଆସର ଅନୁଷ୍ଠାନ ପକ୍ଷରୁ ଆୟୋଜନ କରିବା ସକାଶେ ପ୍ରୟାସ କରାଯିବ ବୋଲି ସାଂସ୍କୃତିକ ସମାଜର ସମ୍ପାଦକ ପ୍ରକାଶ କରିଥିଲେ। ସହ ସମ୍ପାଦକ ସବ୍ୟସାଚୀ ମିଶ୍ର, ଉପସଭାପତି ଶିବନାରାୟଣ ପାଣିଗ୍ରାହୀ, ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ କୁମାର ହୋତା, ସଭ୍ୟ ଲଳିତ ବେବର୍ତ୍ତା, ଡ. ସତ୍ୟନାରାୟଣ ଠାକୁର, ସ୍ନାତମଧୁ ଷଣ୍ଢ, ରାମାନୁଜ ପଣ୍ଡା ପ୍ରମୁଖ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଘରୋଇ କଳିରୁ ଯୁବକଙ୍କ ଆତ୍ମହତ୍ୟା

**ଦେବଗଡ଼,୨୪।୩(ଶଶାଙ୍କ ଶେଖର ଝାଙ୍କର)** ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ଜଣେ ଯୁବକ ଘରୋଇ କଳିକୁ କେନ୍ଦ୍ରକରି ଶନିବାର କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ହେଲେ ଉକ୍ତ ଗ୍ରାମର ସୁଜିତ କୁମାର ଭୂମିଜ(୨୫)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ରାତିରେ ଘରୋଇ କଳିକୁ କେନ୍ଦ୍ର କରି ସୁଜିତ କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ଜାଣିବା ପରେ ତାଙ୍କୁ ତୁରନ୍ତ ବାରକୋଟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ହାଇମାଷ୍ଟ ଲାଇଟ ଲାଗିଲା, ବିଦ୍ୟୁତ୍ ସଂଯୋଗ ନାହିଁ

**ଲୋଇସିଂହା,୨୪।୩( ସୁଶାନ୍ତ ବାରିକ)** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡ଼ା ଜଗନ୍ନାଥ ନିକଟରେ ଲାଗିଥିବା ହାଇମାଷ୍ଟ ଲାଇଟ ଦୀର୍ଘ ଦିନ ଧରି ଅଚଳ ହୋଇ ପଡ଼ିଥିଲା। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଲା ପରେ ପ୍ରଶାସନ ତତ୍ପରତା ଦେଖାଇ ନୂତନ ହାଇମାଷ୍ଟ ଲାଇଟ ଲଗାଇଛି। ଇତି ମଧ୍ୟରେ ଦୁଇ ସପ୍ତାହ ବିତିଯାଇଥିଲେ ସୁଦ୍ଧା ବଦ୍ୟୁତ୍ ସଂଯୋଗ ଦିଆ ଯାଇନାହିଁ।

# ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଲୋକସଭା ପ୍ରାର୍ଥୀ



ଭାଜପା କର୍ମୀମାନେ ଉତ୍ସବ ମନାଉଛନ୍ତି।

**ଦେବଗଡ଼,୨୪।୩ (ଶଶାଙ୍କ ଶେଖର ଝାଙ୍କର)** ଭାଜପା ପକ୍ଷରୁ ରବିବାର ରାଜ୍ୟର ସମସ୍ତ ୨୧ଟି ଯାକ ଲୋକସଭା ଆସନ ନିମନ୍ତେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଏହି କ୍ରମରେ ସମ୍ବଲପୁର ଲୋକସଭା ଆସନ ନିମନ୍ତେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମ ଘୋଷଣା କରାଯାଇଛି। ଏନେଇ ଦେବଗଡ ଜିଲା ଭାଜପା ମହଲରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି ହେବାସହ ଦଳ ପକ୍ଷରୁ ଉତ୍ସବ ପାଳନ କରାଯାଇଛି। ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ଶତାଧିକ ଭାଜପା

### ଉତ୍ସବ ପାଳନ କଲା ଦେବଗଡ଼ ଭାଜପା

ନେତା ଓ କର୍ମୀ ସ୍ଥାନୀୟ ଗୋପବନ୍ଧୁ ଛକରେ ଏକତ୍ରିତ ହୋଇ ଢୋଲ ଓ ମାଦଳ ବାଜାର ତାଳେ ତାଳେ ନାଚି ଉଠିବା ସହ ବାଣ ଓ ଫଟକା ଫୁଟାଇ ଉତ୍ସବ ପାଳନ କରିଥିଲେ। ଏହି ଅବସରରେ ସେମାନେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ଜୟଗାନ କରିବାସହ ଖୁସିରେ ମିଷ୍ଟାନ୍ନ ମଧ ବଣ୍ଟନ କରିଥିଲେ। ଏହି ଉତ୍ସବ ପାଳନରେ ପୌର ପରିଷଦ ଉପାଧକ୍ଷ ପ୍ରଜିତ କୁମାର ଭୋଜ, ଜିଲା ଭାଜପା ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ,ପୂର୍ବତନ ଜିଲା ସଭାପତି ମୀନକେତନ ପ୍ରଧାନ, ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ଭୁତିଆ, ମଣ୍ଡଳ ସଭାପତି ଯୋଗେଶ ଚନ୍ଦ୍ର ପ୍ରଧାନ, ଜଗନ୍ନାଥ ବେହେରା, ମୋତିଲାଲ ଶର୍ମା, ପ୍ରଭାଶଚନ୍ଦ୍ର ମିଶ୍ର, ଇଂ. ସୁଜିତ କୁମାର ପ୍ରଧାନ,ଦୟାଶଙ୍କର ଦ୍ୱିବେଦୀ, ସରୋଜ କୁମାର ପାଢୀ, କାଉନଶିଲର କାର୍ତ୍ତୀକ ମହାକୁଳ, ମଧୁସୂଦନ ବାଘ, ରାଜେନ୍ଦ୍ର ଆଚାର୍ଯ୍ୟ, ଦୀପକ କୁମାର ଦ୍ୱିବେଦୀ, ରାଘବ ମହାରଣା,ପ୍ରତାପ କୁମାର ପଣ୍ଡା, ବାବୁଲୀ କର, ରିତେଶ ନାୟକ ଓ ଅନନ୍ତ ଦାଶଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ସାମିଲ ଥିଲେ।

## କ୍ଷତିଗ୍ରସ୍ତଙ୍କ ଘରେ ପହଞ୍ଚିଲା ଜିଲା କଂଗ୍ରେସ ପ୍ରତିନିଧି ଦଳ

**ଦେବଗଡ଼,୨୪।୩ (ଶଶାଙ୍କ ଶେଖର ଝାଙ୍କର)** ହାତୀ ଉପଦ୍ରବ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ରିଆମାଳ ବ୍ଲକ କଣ୍ଟାବାହାଳ ପଞ୍ଚାୟତ ସାତକିଆରୀ ଗ୍ରାମର ପାଲ ମୁଣ୍ଡାଙ୍କ ଘରକୁ ଯାଇ ସାନ୍ତ୍ୱନା ଦେବାସହ ଆବଶ୍ୟକ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେଇଛି ଜିଲା କଂଗ୍ରେସ କମିଟି। ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଣ୍ଡାଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କ ସହିତ ଆଲୋଚନା କରିବା ସହ ସାନ୍ତ୍ୱନା ଜଣାଇଥିଲେ। ଏଥିସହ କ୍ଷତିପୂରଣ ପ୍ରଦାନ କ୍ଷେତ୍ରରେ ଆବଶ୍ୟକ



କଂଗ୍ରେସ ପ୍ରତିନିଧି ଦଳ କ୍ଷତିଗ୍ରସ୍ତ ପରିବାରଙ୍କ ସହ ଆଲୋଚନା କରୁଛନ୍ତି।

### ସାତକିଆରୀରେ ହାତୀ ଘର ଭାଙ୍ଗିବା ଘଟଣା

ସାହାର୍ଯ୍ୟ ସହ ଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ, କିଛିଦିନ ପୂର୍ବେ ଏକ ଜଙ୍ଗଲୀ ହାତୀ ସାତକିଆରୀ ଗ୍ରାମରେ ପଶି ମୁଣ୍ଡାଙ୍କ ଘର ଭାଙ୍ଗିବା ସହ ବହୁ ଧାନ ଓ ଚାଉଳ ଆଦି ବିଭିନ୍ନ ଖାଦ୍ୟ ଶସ୍ୟ ଖାଇ ଦେଇଥିଲା। ଏଥିସହ ଘରେ ଥିବା ବହୁ ଆସବାବ ପତ୍ର ମାଡି ଦଳି ନଷ୍ଟ କରିଦେଇଥିଲା। ସୂଚନା ପାଇ ଜିଲା କଂଗ୍ରେସ କମିଟି ସଭାପତି ହେମ୍ବ୍ରମଙ୍କ ନେତୃତ୍ୱରେ କଂଗ୍ରେସ ଦଳର ଏକ ପ୍ରତିନିଧି ଦଳ ମୁଣ୍ଡାଙ୍କ ଘରକୁ ଯାଇ ସେମାନଙ୍କ ମନରେ ନୂତନ ଆଶା ସୃଷ୍ଟି କରିଥିଲେ। ଏହି ପ୍ରତିନିଧି ଦଳରେ ହେମ୍ବ୍ରମଙ୍କ ସମେତ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ପାତ୍ର ଓ ସୋସିଆଲ ମିଡିଆ ଅଧ୍ୟକ୍ଷ ଶ୍ରୀତମ ସାହୁ, ଲୁଗୁନୁ ନାଗ, କାଣ୍ଡେ ସୋୟ ଓ ସୋମା ମୁଣ୍ଡା ପ୍ରମୁଖ ସାମିଲ ଥିଲେ।

# ଭାଜପାର ଶକ୍ତି ପ୍ରଦର୍ଶନ, ମିଶ୍ରଣ ପର୍ବ

**ଝାରସୁଗୁଡ଼ା, ୨୪।୩(ସଞ୍ଜୟ ମାଲି)** ଆଗାମୀ ବିଧାନସଭା ଓ ଲୋକସଭା ନିର୍ବାଚନରେ ନିଜ ଦଳର ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ସମସ୍ତ ରାଜନୈତିକ ଦଳ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଲାଗିପଡିଛନ୍ତି। ଏଥିପାଇଁ ବିଭିନ୍ନ ଦଳ ବିଭିନ୍ନ ପ୍ରକାର କୌଶଳ ଅବଲମ୍ବନ କରୁଛନ୍ତି। ଏହି କ୍ରମରେ ରବିବାର ଝାରସୁଗୁଡାରେ ଭାଜପା ମିଶ୍ରଣ ପର୍ବ ସହ ତା'ର ଶକ୍ତି ପ୍ରଦର୍ଶନ କରିଛି। ଆଗରୁ ବିଜେଡିର ନେତୃତ୍ୱ ନେଉଥିବା ପ୍ରମୋଦ ତ୍ରିପାଠୀ, ସଞ୍ଜୁ ପଣ୍ଡିତ, ମଞ୍ଜିତ ସିଂ ନିକଟରେ ଭାଜପାରେ ମିଶିବା ପରେ ରବିବାର ସେହି ୩ଜଣଙ୍କ ନେତୃତ୍ୱରେ ଭାଜପାର ବିଶାଳ ରାଲି ହୋଇଥିଲା। ଏହି ରାଲି ମନମୋହନ ସ୍କୁଲ ପଡ଼ିଆରୁ ବାହାରି ସହର ପରିକ୍ରମା କରିବା ସଙ୍ଗେ ସଙ୍ଗେ ଦଳ ନିଜର ଶକ୍ତି ପ୍ରଦର୍ଶନ କରିଥିଲା। ରାଲି ଝାରସୁଗୁଡ଼ା ବିଟିଏମସ୍ଥିତ ଭାଜପା କାର୍ଯ୍ୟାଳୟରେ ପହଞ୍ଚିଲା। ସେଠାରେ ମିଶ୍ରଣ ପର୍ବ ହୋଇଥିଲା। ଏହି ମିଶ୍ରଣ ପର୍ବରେ ଅନେକ



ଭାଜପା ପକ୍ଷରୁ ଝାରସୁଗୁଡ଼ାରେ ରାଲି କରାଯାଉଛି।

ସଚେତନ ନାଗରିକ, ବିଜେଡି, କଂଗ୍ରେସ କର୍ମୀ, ନେତା ଦଳ ଛାଡ଼ି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଛନ୍ତି। ମିଶ୍ରଣ ଅବସରରେ ଆୟୋଜିତ ସଭାକୁ ମୁଖ୍ୟ ରୂପେ ପରିଚାଳନା କରିଥିଲେ ରାଜ୍ୟ ଭାଜପା ସମ୍ପାଦକ ଟଙ୍କଧର ତ୍ରିପାଠୀ। ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଝାରସୁଗୁଡ଼ା ଜିଲା ଭାଜପା ସଭାପତି ସୁନୀଲ ପଣ୍ଡା, ବିମଳେନ୍ଦୁ ଭୋଲ, ପ୍ରେମସେନ ଦେ, ଦିଲେଶର ରାଓ, ଡମ୍ବରୁଧର କଣ୍ଟା, ମୋଜୀଲାଲ ଦଂଶନା, ବବଲୁ ସିଂ, ଲଳିତ ମଗର, ସନ୍ତୋଷ ଯାଦବ, ପ୍ରଶାନ୍ତ ପଟେଲ। ଏହି କାର୍ଯ୍ୟକ୍ରମରେ ଭାଜପା ନେତା ତ୍ରିପାଠୀ ସ୍ଥାନୀୟ ବିଧାୟିକାଙ୍କୁ ତୀବ୍ର ସମାଲୋଚନା କରିଥିଲେ।

# ଇତିହାସ ପାଲଟିଲାଣି ଜିଲାର ୨ ଚିନିକଳ

ଭବାନୀପାଟଣା,୨୪।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ କୃଷିଭିତ୍ତିକ ଶିଳ୍ପ ବିକାଶ ବାଟବଣା ହୋଇଛି। ଦିନେ ଘରୋଇ ଉଦ୍ୟମରେ ପ୍ରତିଷ୍ଠା ହୋଇଥିବା ଜିଲାର ଭବାନୀପାଟଣା ଓ ଗୌଡ ସର୍ଗିଗୁଡା ଚିନିକଳ ଦୀର୍ଘ ବର୍ଷ ହେଲା ବନ୍ଦ ପଡି ଏବେ ଇତିହାସ ପାଲଟିଗଲାଣି। ଭବାନୀପାଟଣା ଚିନିକଳ ୧୯୭୭ରୁ ଏବଂ ଗୌଡ ସର୍ଗିଗୁଡା ଚିନିକଳ ୨୫ ବର୍ଷ ହେଲା ବନ୍ଦ ହୋଇପଡିଛି। ଏ ନେଇ ବିଭିନ୍ନ ରାଜନୈତିକ ଦଳର ନେତାମାନେ ସ୍ୱର ଉତ୍ତୋଳନ କରୁ ନ ଥିବାବେଳେ ଜିଲାର ଆଖୁଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ଚିନିକଳ ବନ୍ଦ ଯୋଗୁ ଜିଲାର ବହୁ ଶିକ୍ଷିତ ବେକାର ଯୁବତୀଯୁବକ କାମ ଧନ୍ଦା ନ ପାଇ ବାଧହୋଇ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛନ୍ତି।

ଜିଲାର କୃଷି ଓ କୃଷକଙ୍କ ବିକାଶ ନିମନ୍ତେ ୧୯୯୭ରେ ଜୁନାଗଡ ବ୍ଲକ ଗୌଡସର୍ଗିଗୁଡା ଗ୍ରାମ ଜାତୀୟ ରାଜପଥ ୨୬ କଡରେ କୃଷିଭିତ୍ତିକ ଏକ ଚିନିକଳ ଆରମ୍ଭ ହୋଇଥିଲା। ଏହା ମହାରାଷ୍ଟ୍ରର ଏକ କମ୍ପାନୀ ପଶ୍ଚିମ ଓଡ଼ିଶା ସୁଗାର ଓ କେମିକାଲ ଲିମିଟେଡ୍ ଦ୍ୱାରା ପରିଚାଳିତ ହୋଇଥିଲା। ପରିଚାଳନାଗତ ତ୍ରୁଟି ଯୋଗୁ ୨ବର୍ଷ ପରେ କମ୍ପାନୀ ଦେବାଳିଆ ହେବା ସହ ଚିନିକଳ ବନ୍ଦ ହୋଇଯାଇଥିଲା। ଫଳରେ ଶତାଧିକ ଲୋକ ଜୀବିକା ହରାଇବା ସହ ଜିଲାର ଆଖୁଚାଷ ବିଶେଷ ଭାବେ ପ୍ରଭାବିତ ହୋଇଥିଲା। ଜିଲା ତଥା ଜୁନାଗଡ ବ୍ଲକ ଅଞ୍ଚଳରେ ଶିଳ୍ପର ଆଶା ସଞ୍ଚାର କାରଖାନା ଲୋକଙ୍କ ସ୍ୱପ୍ନକୁ ଧୂଳିସାତ୍ କରିଦେଇଥିଲା। କମ୍ପାନୀରେ ତାଲା ପଡିବା ଫଳରେ ଚୋରମାନଙ୍କ ଭୂସ୍ୱର୍ଗ ପାଲଟିଥିଲା। ଏଥିରେ ଲାଗିଥିବା ମୂଲ୍ୟବାନ ଜିନିଷ ଚୋରି ହୋଇ ଶ୍ରୀହୀନ ଅବସ୍ଥାରେ ପଡିରହିଥିଲା। ଜିଲାର ଅର୍ଥନୀତିର ଅଭିବୃଦ୍ଧି ଓ ଯୁବବର୍ଗଙ୍କ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ପାଇଁ ସେହି ବନ୍ଦ ପଡିଥିବା ଚିନିକଳରେ





ଭବାନୀପାଟଣା, ଗୌଡସର୍ଗିଗୁଡାରେ ଥିବା ଚିନିକଳ।

■ କଳାହାଣ୍ଡିରେ କୃଷିଭିତ୍ତିକ ଶିଳ୍ପ ବିକାଶ ବାଟବଣା
■ ଆଖୁଚାଷକୁ ମୁହଁ ମୋଡୁଛନ୍ତି ଚାଷୀ

ଏକାକକାଳୀନ ୩ଟି କୃଷିଭିତ୍ତିକ ଶିଳ୍ପାନୁଷ୍ଠାନ ପାରାବଏଲ୍ଡ ରାଇସମିଲ୍, ବାୟୋମାସ୍ ପ୍ଲାଣ୍ଟ ଓ ଡିଷ୍ଟିଲେରି ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଘୋଷଣା କରାଯାଇଥିଲା। ଏପରିକି ୨୦୧୬ ନଭେମ୍ବର ୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଆସି ଏହାର ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ଏହି ଶିଳ୍ପ ପ୍ରକଳ୍ପକୁ ରାଉରକେଲାର ଷ୍ଟାରଲାଇଟ୍ ଏନର୍ଜି ଲିମିଟେଡ୍‌କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। କମ୍ପାନୀ ଚିନିକଳର ୯୧ ଏକର ୪୮ ଡେସିମିଲ ଜମି ଓ ପୁରୁଣା କୋଠାକୁ ନିଜ ମାଲିକାନାରେ ରଖିଥିଲା। କମ୍ପାନୀ ଭିତରେ ଇଣ୍ଟିଗ୍ରେଟେଡ୍ ଶସ୍ୟ ଭିତ୍ତିକ ଡିଷ୍ଟିଲେରି ସମେତ ଘଣ୍ଟାକୁ ୪୮ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ପାରାବଏଲ୍ଡ ରାଇସମିଲ୍ ଓ ୩ ମେଗାୱାଟ୍ ଦୁଇଟି ଟର୍ବାଇନ ଯୁକ୍ତ ବାୟୋମାସ୍ ପାୱାର ପ୍ଲାଣ୍ଟ ସ୍ଥାପନ କରାଯିବା ପାଇଁ ରୋଡ ମ୍ୟାପ୍ ପ୍ରସ୍ତୁତ କରାଯାଇଥିଲା। ହେଲେ ରାଜ୍ୟ ସରକାରଙ୍କ ଉଦାସୀନତା ମନୋଭାବ ଯୋଗୁ ଷ୍ଟାରଲାଇଟ୍ ଏନର୍ଜି କମ୍ପାନୀ କାମ ଆରମ୍ଭ ତ ଦୂରର କଥା କୌଣସି କାରଣବଶତଃ ମୁହଁ ଫେରାଇବା ସହ ଗୌଡ ସର୍ଗିଗୁଡାଠାରେ ଥିବା ପୁରୁଣା ଚିନିକଳର ୯୧ଏକର ୪୮ ଡେସିମିଲ ଜାଗାକୁ ବିକ୍ରିକରି ଚାଲିଛି। ବର୍ତ୍ତମାନ ଏହି ଚିନିକଳ ୨୫ ବର୍ଷ ହେଲା ବନ୍ଦ ପଡିଥିବାବେଳେ ଏହାର ପୁନରୁଦ୍ଧାର କଲେ ଜିଲାର ଆଖୁଚାଷୀ ଉପକୃତ ହେବା ସହ ଶିକ୍ଷିତ ବେକାର ଯୁବତୀଯୁବକ ମଧ୍ୟ ରୋଜଗାରକ୍ଷମ ହୋଇପାରନ୍ତେ ବୋଲି ସାଧାରଣରେ ଦାବି ହୋଇଛି। ସେହିପରି ୧୯୬୩ରେ ଭବାନୀପାଟଣା ସହର ଆଇଟିଆଇ ସମ୍ମୁଖ ଲିଫ୍ଟ ଇରିଗେଶନ ଅଫିସ ନିକଟରେ ଏକ ଚିନି କଳ ସ୍ଥାପନ ହୋଇଥିଲା। ଏହା ତତ୍କାଳୀନ କଳାହାଣ୍ଡି ମହାରାଜ ପ୍ରତାପ କେଶରୀ ଦେଓଙ୍କ ଉଦ୍ୟମରେ ହୋଇଥିଲା। ଏହି ଚିନିକଳ ୧୯୭୦ ପର୍ଯ୍ୟନ୍ତ ଠିକ୍ ଭାବେ ଚାଲିଥିବାବେଳେ ୧୯୭୭ରେ ବନ୍ଦ ହୋଇଯାଇଥିଲା। ଫଳରେ କଳାହାଣ୍ଡିର ଆଖୁମ୍‌ଚାଷୀଙ୍କୁ ନିରାଶ ହେବାକୁ ପଡିଥିଲା। କଳାହାଣ୍ଡିର ଚାଷୀ କଳାହାଣ୍ଡି ସମେତ ଓ ବଲାଙ୍ଗୀର ଜିଲା ଦେଓଗାଁ ଚିନିକଳକୁ ମଧ୍ୟ ଆଖୁ ଯୋଗାଉଥିଲେ। ହେଲେ ଏହି ଚିନି କଳ ମଧ୍ୟ ବନ୍ଦ ହେବା ପରେ ଜିଲାର ଆଖୁଚାଷୀ ନିରାଶ ହୋଇଥିଲେ। ଇନ୍ଦ୍ରାବତୀ ଜଳସେଚନ ପରେ ଜିଲାର ଧର୍ମଗଡ ଉପଖଣ୍ଡର ବହୁ ଚାଷୀଆଖୁ ଚାଷ ପ୍ରତି ବିମୁଖ ହୋଇ ଧାନ ଚାଷ ପାଇଁ ଆଗ୍ରହ ହୋଇଥିଲେ। ଦୀର୍ଘ ବର୍ଷ ଧରି ବନ୍ଦ ରହିଥିବାରୁ ୨ ଚିନିକଳ ଏବେ ପରିତ୍ୟକ୍ତ ଅବସ୍ଥାର ରହିଛି। ଗୌଡ ସର୍ଗିଗୁଡା ଚିନିକଳ ଚାରିପଟେ ଘାସ ବୁଦା ଜଙ୍ଗଲ ହୋଇଥିବାବେଳେ ଭବାନୀପାଟଣା ଚିନିକଳ ଭାଙ୍ଗିଯାଇ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟିଦେଇ ବନ୍ଦ ପଡିଥିବା ଚିନିକଳ ପୁନରୁଦ୍ଧାର କଲେ ଜିଲାର ଅନେକ ଆଖୁଚାଷୀ ଉପକୃତ ହୋଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଚାଷୀମାନେ ଯାହା କହନ୍ତି...



"ସୁଗର ଫାକ୍ଟ୍ରି ଥିବାବେଳେ ଆମେ କମ୍ପାନୀକୁ ଆଖୁ ଯୋଗାଇ ଭଲ ରୋଜଗାର କରୁଥିଲୁ। ଚିନିକଳ ବନ୍ଦ ପରେ ଆଗଭଳି ଆଉ ରୋଜଗାର ହେଉନାହିଁ। ଏବେ ଆଖୁ ଚାଷ କରି ଗାଁ ଗାଁ, ବଜାରକୁ ବିକ୍ରି କରିନେବାକୁ ପଡୁଛି।

**ଶଶି ନାଏକ, ଆଖୁ ଚାଷୀ**



"ଆଖୁ ଚାଷ କରି ଏବେ ଆଗ ଭଳି କିଛି ଲାଭ ମିଳୁନାହିଁ। ପାରିଶ୍ରମିକ ଅନୁସାରେ ମଜୁରୀ ମିଳୁନାହିଁ। ଚିନିକଳ ଥିଲେ ଅଞ୍ଚଳର ଚାଷୀ ଉପକୃତ ହୋଇପାରନ୍ତେ। ଏହାସହ ଆହୁରି ଲୋକେ ଆଖୁ ଚାଷ ପୂର୍ବ ଭଳି କରିପାରନ୍ତେ।

**ଓକିଲ ସାହୁ, ଆଖୁଚାଷୀ**



"ଜେଜେ ବାପା ଅମଳରୁ ଆମେ ଆଖୁ ଚାଷ କରୁଛୁ। ଗୋଟିଏ ବର୍ଷ ପରିଶ୍ରମ ପରେ ଅମଳ ହେଉଛି ଆଖୁ ଚାଷ। ଆଖୁ ଅମଳ ପରେ ଗୁଡ, ଉଖୁଡା ପ୍ରସ୍ତୁତ କରି ତାହା ଆମେ ବିକ୍ରି କରିନେଉଛୁ। ପରିଶ୍ରମ ଅନୁଯାୟୀ ଲାଭ ହେଉନାହିଁ। ଖାଲି କୌଳିକ ବୃତ୍ତକୁ ବଞ୍ଚାଇବାକୁ ଯାଇ ଆଖୁ ଚାଷ କରୁଛୁ।

**ସୁଧାଂଶୁ ନାଏକ, ଆଖୁ ଚାଷୀ**

## ସଂକ୍ଷେପରେ

### ଏକ୍ସକ୍ୟାଡର ଶିକ୍ଷକ ସଂଘ ନୂତନ କର୍ମକର୍ତ୍ତା ଚୟନ

ସିନାପାଲି,୨୪।୩(ମନଫୁଲ ମେହେର)

ନୂଆପଡ଼ ଜିଲା ସିନାପାଲି ବ୍ଲକ ଏକ୍ସକ୍ୟାଡର ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ନୂତନ କମିଟି ସଭାପତି ଭାବେ ଅରୁଣ କୁମାର ଯୋଷୀ, କାର୍ଯ୍ୟକାରୀ ସଭାପତି ବେଣୁଧର ନାଏକ, ଉପସଭାପତି ଭୁତେଶ୍ୱର ନାଏକ, ଧର୍ମୁ ନାଏକ, ସାଧାରଣ ସମ୍ପାଦକ ତରୁଣ କୁମାର ମେହେର, ସମ୍ପାଦକ ଅଚ୍ୟୁତାନନ୍ଦ ମେହେର, ସହସମ୍ପାଦକ ଖଗେଶ୍ୱର ମେହେର, ଦଶରଥ ଦଣ୍ଡସେନା, କୋଷାଧ୍ୟକ୍ଷ ଲୋକନାଥ ମେହେର ଓ ସଂଯୋଜକ ଭାବେ ଅଲୋକ ରଞ୍ଜନ ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଛି। କମିଟି କାର୍ଯ୍ୟକାରୀ ସଭ୍ୟ ଭାବେ ସାମନ୍ତ କୁମାର ଦାସ, ଶିବ ପ୍ରସାଦ ମାଝି, ସରୋଜ କୁମାର ପାଢ଼ୀ, ଶଶୀମୁଖୀ ପ୍ରଧାନ ରହିଛନ୍ତି। ଏକ୍ସକ୍ୟାଡର ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ବିଷୟରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମହେଶ୍ୱର ମେହେର, ହେମନ୍ତ ମଣି କଟା, ସନ୍ତୋଷ କୁମାର ସାହୁ, ପୁଷ୍ପାଞ୍ଜଳି କାଛି, ଗୀତାଞ୍ଜଳି ଖମାରୀ, ରମେଶ ଚନ୍ଦ୍ର ଖର୍ସେଲ, ପ୍ରଦୀପ ଯୋଷୀ, ହୀରାଲାଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଅସହାୟ ବ୍ୟକ୍ତିଙ୍କ ଶବ ସତ୍କାର କଲେ ଗ୍ରାମବାସୀ

ନୂଆପଡ଼ା,୨୪।୩(ମକାରୁ ବେମାଲ)

ନୂଆପଡା ଜିଲା ଲଖନା ଗାଁରେ ଜଣେ ଅସହାୟ ବ୍ୟକ୍ତିଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ଲଖନା ଗାଁର ମୋହନ ଗଉଡ (୫୮)। ସେ ଜଣେ ଅବିବାହିତ ଥିଲେ। ସେ ବୃଦ୍ଧ ଅବସ୍ଥାକୁ ଆସିଥିବାରୁ କାମଧନ୍ଦା କିଛି କରି ନ ପାରି ବାରଦୁଆର ବୁଲୁଥିଲେ। ତାଙ୍କର କୌଣସି ସମ୍ପର୍କୀୟ ନ ଥିବାରୁ ବହୁତ ଅସୁବିଧାରେ ଦିନ କାଟୁଥିଲେ। ତାଙ୍କ ଅବସ୍ଥା ଦେଖି ପଞ୍ଚାୟତ ନିର୍ବାହୀ ଅଧିକାରୀ ବରୁଣ ଦାସ ତାଙ୍କୁ ଆଣି ପଞ୍ଚାୟତ ଭିତରେ ଏକ କୋଠରି ଦେଇ ରହିବାକୁ ଓ ତାଙ୍କ ଖାଇବା ବ୍ୟବସ୍ଥା କରିଥିଲେ। ଦୀର୍ଘ ବର୍ଷ ରହିବା ପରେ ରବିବାର ପୂର୍ବାହ୍ନ ୧୦ଟାରେ ଅକାଳ ମୃତ୍ୟୁ ହୋଇଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ଖବର ପାଇ ତୁରନ୍ତ ପହଞ୍ଚି ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ଦେଇ ଶବ ସତ୍କାର କରିବା ପାଇଁ ଗ୍ରାମ ଲୋକଙ୍କ ସହ ସହଯୋଗ କରିଥିଲେ। ବୃଦ୍ଧଙ୍କୁ ନିଜ ବଂଶଧର ଜମିରେ ସତ୍କାର କରାଯାଇଥିଲା। ସରପଞ୍ଚ ଜିତେନ୍ଦ୍ର ଠାକୁର ଅନୁପସ୍ଥିତ ଥିବାରୁ ଫୋନ ଯୋଗେ ପ୍ରାୟଚିତ ପାଇଁ ୫୦ କିଲୋଗ୍ରାମ ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ଦେବି ବୋଲି କହିଥିଲେ। ସତ୍କାର ସମୟରେ ବୃଦ୍ଧଙ୍କ ପୁତରା ରଞ୍ଜିତ ରାଉତ, ସଞ୍ଜୁ ରାଉତ, ରବି ରାଉତ, ଉଦ୍ଧବ ରାଉତଙ୍କ ସମେତ ନାଏବ ସରପଞ୍ଚ କଳାକୃଷ୍ଣ ସୁନାନୀ, ସବିର ହୁସେନ, ବିଜୁ ବାରିକ, କେତନ ଦାସ, ପୁରୋହିତ ସୁନାନୀ, ଦେବେନ୍ଦ୍ର ବାଗ, ହେମ ଚନ୍ଦ୍ର ବରିହା, ରଞ୍ଜିତ ବରିହା ପ୍ରମୁଖ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବାଙ୍କିମୁଣ୍ଡାରେ ଅହୋରାତ୍ର ନାମଯଜ୍ଞ

ବେହେରା,୨୪।୩(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାଙ୍କିମୁଣ୍ଡାଠାରେ ବହୁ ଆନନ୍ଦଉଲ୍ଲାସର ସହିତ ଅଖଣ୍ଡ ଅହୋରାତି ନାମଯଜ୍ଞ ଅନୁଷ୍ଠିତ ହେଉଛି। କର୍ତ୍ତା ଶର୍ଦ୍ଧାକର ମାଝି ଓ ସରୋଜିନୀ ମାଝିଙ୍କ ମାନସିକ ପୂରଣ ହେତୁ ୫୨ଟି ତ୍ରିନାଥ ମେଳା ଦେଇଥିଲେ। ବେହେରା ଜଗନ୍ନାଥ ମନ୍ଦିର ପୂଜକ ମୋହନ ତିୱାରୀ, ଜ୍ୟୋତିର୍ବିଦ ଭୁପେଶ ତିୱାରୀ, ମିଥଲେସ ତିୱାରୀ ପୂଜାକର୍ଯ୍ୟ ସମ୍ପାଦନ କରିଥିଲେ। ରବିବାର ପୂର୍ବାହ୍ନ ୧୦ଟାରେ ଶତାଧିକ ମହିଳାଙ୍କ ସହ ନାମ ସଂକୀର୍ତ୍ତନ ମଣ୍ଡଳୀ କଳସ ଶୋଭାଯାତ୍ରା ବାହାରିଥିଲା। ବେହେରା ନଦୀରୁ ଗଙ୍ଗାଜଳ ଆଣି ବେଦୀରେ ସ୍ଥାପନ ପୂର୍ବକ ଅଧିବାସ ପୂଜନ ହୋଇଥିଲା। ସନ୍ଧ୍ୟା ୬.୪୫ରେ ମହାମନ୍ତ୍ର ନାମାରମ୍ଭ ହୋଇଥିଲା। ନାମଯଜ୍ଞରେ ମୋଟ ୪ଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ସୋମବାର ଦଧିହାଣ୍ଡି ନଗର ପରିକ୍ରମା ପରେ ପୂର୍ଣ୍ଣାହୂତି ହେବ ବୋଲି ନାମଯଜ୍ଞ ସଭାପତି ଧନପତି ପୁଝାରୀ ପ୍ରକାଶ କରିଥିଲେ। ଯଜ୍ଞ ଦେଖିବା ପାଇଁ ଆଖପାଖ ଗ୍ରାମରୁ ହଜାର ହଜାର ଶ୍ରଦ୍ଧାଳୁମାନଙ୍କ ଭିଡ ଦେଖିବାକୁ ମିଳିଥିଲା। ଭକ୍ତମାନଙ୍କ ପାଇଁ କର୍ତ୍ତାଙ୍କ ପକ୍ଷରୁ ରାତିରେ ଅର୍ଣ୍ଣଛତ୍ର ବ୍ୟବସ୍ଥା କରାଯାଇଥିଲା। ଯଜ୍ଞକାର୍ଯ୍ୟରେ ହରଦୁ ସିଂହ ଗୋପାଳ, କେତୁ ପୁଝାରୀ, ଭଦ୍ରେଶ୍ୱର ପାତ୍ର, କ୍ଷୀରସିନ୍ଧୁ ଗୋପାଳ, ଝସ କେତନ ପୁଝାରୀ, ପ୍ରଶାନ୍ତ ତିୱାରୀ, ରୁକ୍ମଣ ପୁଝାରୀ, ଧର୍ମୁ ଗୋପାଳ, ପୀତାମ୍ବର ଗୋପାଳ, ପ୍ରଭାତ ତିୱାରୀ, ଶଙ୍କର ହଂସ, ପବିତ୍ର କାଣ୍ଡ, ମହେନ୍ଦ୍ର ପୁଝାରୀ, ନୀଳକଣ୍ଠ ପୁଝାରୀ, ତରୁଣୀ ମାଝି, ମୋହିନୀ ତିୱାରୀଙ୍କ ସମେତ ବାଙ୍କିମୁଣ୍ଡା ଗ୍ରାମବାସୀ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ଅଧିକାରୀଙ୍କ ବାଳାଶ୍ରମ ପରିଦର୍ଶନ



ଖଡ଼ିଆଳ,୨୪।୩(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡିଆଳସ୍ଥିତ ବିଭିନ୍ନ ବାଳାଶ୍ରମ ପରିଦର୍ଶନ କରିଛନ୍ତି ଜିଲାସ୍ତରୀୟ ଅଧିକାରୀ। ଓପନ ସେଲଟର, କାରୁନ୍ୟ ବାଲ ନିକେତନ ଓ ଉତ୍କଳ ବାଳାଶ୍ରମକୁ ପରିଦର୍ଶନ ଓ ନିରୀକ୍ଷଣ କରିଛନ୍ତ। ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରାଇତାଙ୍କ ସହ ଏକ ଦଳ ଅନ୍ତେବାସୀଙ୍କ ଖାଦ୍ୟପେୟ ଓ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଶିଶୁଙ୍କୁ ଆବଶ୍ୟକ ଯତ୍ନ ନେବା ସହ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଆବଶ୍ୟକ ପଦକ୍ଷେପ ନେବାକୁ ଆହ୍ୱାନ କରିଥିଲେ। ପ୍ରତିନିଧି ଦଳରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ବଳିଆର ସିଂ, ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଡ.ଫଣିନ୍ଦମ ଦେଓ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ମୀନା ଅଗ୍ରୱାଲ, ଉତ୍କଳ ବାଳାଶ୍ରମର ଅଧ୍ୟକ୍ଷା ଅର୍ଚ୍ଚନା ପାଢୀ ପ୍ରମୁଖ ସାମିଲ ଥିଲେ।

## ପଞ୍ଚମ ଦିବସରେ ତ୍ରିନାଥ ମେଳା ନାଟକ

ରିଷିଡ଼ା,୨୪।୩(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହାଠାରେ ୧୯୭୬ରୁ ତ୍ରିନାଥ ମେଳା ନାଟକ ଚାଲିଆସୁଛି। ପଞ୍ଚମ ଦିବସ ନାଟକର ଶେଷ ରଜନୀ ହୋଇଥିବାବେଳେ ଷଷ୍ଠ ଦିନରେ ପୁର୍ଣ୍ଣାହୁତି ହୋଇଥିଲା। ତ୍ରିନାଥ ମେଳା ପୁସ୍ତିକା ବର୍ଣ୍ଣନା କରାଯାଇ ପାଞ୍ଚଦିନ ଧରି ଗୀତିନାଟ୍ୟ ଭବେ ତେରେସିହାର ତ୍ରିନାଥ ପଡାଠାରେ ସ୍ୱର୍ଗତ, ତୀର୍ଥ ରଣା, ଦୈପଦି ରଣା, ଶୁକଦେବ ରଣାଙ୍କ ପରିକଳ୍ପନା ସହିତ ଜଡିତ ରହି ମୁରଲୀଧର ରଣା, କ୍ଷୀରସାଗର ରଣା, ଚତୁର୍ଭୁଜ ରଣା, ସୂର୍ଯ୍ୟମଣି ରଣା, ରାଜକୁମାର ରଣା, ସଞ୍ଜୀବ ରଣା, ରଶ୍ମିରଞ୍ଜନ ରଣା ଓ ଯୋଗିନ୍ଦ୍ର ରଣାଙ୍କ ସହଯୋଗରେ ପୌରାଣିକ ବିଷୟ ବସ୍ତୁ ନେଇ ଏକ ଧାର୍ମିକ କଥାବସ୍ତୁ ଉପରେ ନାଟକ ପର୍ଯ୍ୟବେଷିତ। କାର୍ଯ୍ୟକ୍ରମରେ ତ୍ରିନାଥ ପଡା ସହିତ ଗ୍ରାମର ସମସ୍ତେ ସହଯୋଗ କରିଥାନ୍ତି।

## ଆଦିବାସୀଙ୍କ ଅନନ୍ୟ ଟୋକିମରା ପର୍ବ ସମ୍ପନ୍ନ

ଲାଞ୍ଜିଗଡ଼,୨୪।୩(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଆଦିବାସୀ ଅଧ୍ୟୁଷିତ ବେନଗାଁ ପଞ୍ଚାୟତ ପଦ୍ମଥୋପା ଗ୍ରାମରେ ଆଦିବାସୀ ମାଟି ମା'ର ପୂଜା ଟୋକୀମରା ଓ ପୋଢ଼ମରା ଉତ୍ସବ ଆଡମ୍ବରରେ ରବିବାର ସମ୍ପନ୍ନ ହୋଇଯାଇଛି। ଏଥିପାଇଁ ଆଦିବାସୀ ସମ୍ପ୍ରଦାୟ ସମେତ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସବ ବାତାବରଣ ସୃଷ୍ଟି ହୋଇଥିଲା। ଏହି ପର୍ବ ୧୫ ବର୍ଷରେ ଥରେ ପାଳନ କରାଯାଇଥାଏ। ଗାଁର ଧରଣୀ ପୀଠକୁ ବାଉଁଶରେ ସଜାଯିବା ସହିତ ବର୍ଷ ତମାମ ନିଜ ପରିଶ୍ରମରେ ଉତ୍ପାଦିତ ଶସ୍ୟକୁ ଧରଣୀ ଦେବୀ ଅର୍ପଣ ତଥା ମାଟି ଦେବତାଙ୍କୁ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଭଲ ଚାଷବାସ ସହିତ ପରିବାର ଓ ଗୃହ ପାଳିତ ପଶୁଙ୍କ ମଙ୍ଗଳ କାମନା ପୂର୍ବକ ପାଳିତ ହେଉଥିବା ଏହି ପର୍ବ ପାଳନ କରାଯିବା ପୂର୍ବରୁ ଗାଁ ଗୌନ୍ତିଆ ବିଭିନ୍ନ ଅଞ୍ଚଳରୁ ଜାନୀମାନଙ୍କୁ ନିମନ୍ତ୍ରଣ କରିଥିଲେ। ନିମନ୍ତ୍ରିତ ଜାନୀ (ପୂଜକ) ପୂଜାର ଦିନକ ଆଗରୁ ଆସି ଧରଣୀ ଗୁଡ଼ିରେ ଧୂପ ଦୀପ ଜାଳିବା ସହ ଧରଣୀ ଦେବୀ ତଥା ପାର୍ଶ୍ୱ ଦେବତାମାନଙ୍କୁ କୁଇ ଭାଷାରେ ମନ୍ତ୍ର ଉଚ୍ଚାରଣ କରି ଅହୋରାତ୍ର ଆବାହନ କରିଥିଲେ। ପୂର୍ବପୁରୁଷ ଓ ଦେବଦେବୀଙ୍କୁ ଦିବାରାତ୍ର ଆବାହନ ପରେ ରବିବାର ଗାଁ ମଝିରେ ଥିବା ଧରଣୀଗୁଡ଼ିରେ ଆଦିବାସୀମାନେ ନିଜ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ନାଚଗୀତ କରି ଧରଣୀ ଦେବୀଙ୍କୁ ଶାନ୍ତ କରିବା ପାଇଁ ପୋଢ଼ବଳି ଦେଇଥିଲେ। ସୂଚନାନୁସାରେ ପର୍ବରେ ପୂର୍ବରୁ ନରବଳି ଦିଆଯାଉଥିଲା ଏବଂ ସମୟାନୁକ୍ରମେ ବର୍ତ୍ତମାନ ପୋଢ଼ ବଳି ଦିଆଯାଉଛି ଏବଂ ସେହି ପୋଢବଳି ପର୍ବକୁ ଟୋକୀମରା ପର୍ବ କୁହାଯାଉଛି। ପୂଜାରେ ଜାନୀ ରାମଦ୍ଦୁ ଦୋରା, ଆଦ୍ରା ମାଝି, ଶୁକ୍ରୁ ମାଝି, ସମାରୁ ମାଝି, ଧନୁ ମାଝି ପ୍ରମୁଖ ସାମିଲ ହୋଇଥିଲେ। ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, କଳାହାଣ୍ଡି ଜିଲା ସ୍ୱତନ୍ତ୍ର ଉନ୍ନୟନ ଅଧ୍ୟକ୍ଷ ଶିବାଜୀ ମାଝି, ପୂର୍ବତନ ବିଧାୟକ ବଳଭଦ୍ର ମାଝି, ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ବ୍ଲକ ବିଜେଡି ସଭାପତି ହିମାଦ୍ରୀ ପେଶନିଆ, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ନାୟକ, ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ, କାନକୁଟୁରୁ ସମିତି ସଭ୍ୟ ମନୋହର ହରପାଲ, ଲାଞ୍ଜିଗଡ ବ୍ଲକ କଂଗ୍ରେସ ସଭାପତି ବିଜୟ ନାଏକ, ବେନଗାଁ ସମିତି ସଭ୍ୟା ଯଶୋବନ୍ତି ନାଏକ, ନାଏବ ସରପଞ୍ଚ ଗୀତା ନାଏକ ପ୍ରମୁଖ ଉପସ୍ଥିତ ରହି ଧରଣୀ ଦେବୀଙ୍କ ଆଶୀର୍ବାଦ ଲାଭ କରିଥିଲେ। ୧୫ ବର୍ଷ ପରେ ଏହି ପର୍ବ ଅନୁଷ୍ଠିତ ହୋଇଥିବା ବେଳେ ଟୋକୀମରାପର୍ବ କମିଟି ସଭାପତି ରଥ ନାଏକ, ସମ୍ପାଦକ ନାରାୟଣ ନାଏକ, ପ୍ରଦୀପ ହରିଜନ, ଅଗସ୍ତି ହରିଜନ, ଦିଲୀପ ହରିଜନ, ଉତ୍ତର ହରିଜନ, ଅନନ୍ତ ହରିଜନ ସମେତ ଅଞ୍ଚଳର ବାରଗୋଟି ପଦରର ଯାନୀ ଏବଂ ହଜାର ହଜାର ଜନସାଧାରଣ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ ସମୀକ୍ଷା ବୈଠକ

ନୂଆପଡ଼ା,୨୪।୩(ମକାରୁ ବେମାଲ)

ନୂଆପଡା ଜିଲା ଖରିଆର ରୋଡ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଶନିବାର ବ୍ଲକସ୍ତରୀୟ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶୀକ୍ଷକଙ୍କ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ସଦର ଗୋଷ୍ଠି ଉନ୍ନୟନ ଅଧିକାରୀ ରୋହିତ ଭୋଇ ଓ ନିର୍ବାହୀ ଯନ୍ତ୍ରୀ ଅରୁଣ ସାହୁ ଅତିଥି ଭାବରେ ଯୋଗଦେଇ ସମସ୍ତ ବିଦ୍ୟାଳୟର ଭିତ୍ତିଭୂମି ଓ ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଚଳିତ ଶିକ୍ଷା ବର୍ଷରେ କରାଯାଇଥିବା ଶୈକ୍ଷିକ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ଦ୍ୱିତୀୟ ସମାପ୍ତି ସୂଚକ ଆକଳନରେ ୯୫%ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ସୁନିଶ୍ଚିତ କରିଥିବା ବିଦ୍ୟାଳୟକୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଆସନ୍ତା ଶିକ୍ଷା ବର୍ଷରେ ସମସ୍ତ ଶୈକ୍ଷିକ ସହଶୈକ୍ଷିକ କାର୍ଯ୍ୟକ୍ରମ ସୁସଙ୍ଗଠିତ ଭାବେ ଆୟୋଜିତ କରିବା ପାଇଁ ଗୋଷ୍ଠି ଶିକ୍ଷା ଅଧିକାରୀ ମହାନନ୍ଦ ପ୍ରଧାନ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ଶିକ୍ଷା ବର୍ଷରେ ସମସ୍ତ ବିଦ୍ୟାଳୟରେ ୯୦% ଛାତ୍ରୀଛାତ୍ରଙ୍କ ଉପସ୍ଥାନ ସୁନିଶ୍ଚିତ କରିବା ପାଇଁ ଯୋଜନାବଦ୍ଧ ଭାବରେ କାର୍ଯ୍ୟକରିବାକୁ ଶିକ୍ଷକମାନେ ପ୍ରତିଶ୍ରୁତି ଦେଇଥିଲେ। ଉତ୍ତମ ଶିକ୍ଷା ପ୍ରଦାନ, ବିଦ୍ୟାଳୟ ପାଣ୍ଠି ସୁବିନିଯୋଗ,ପାଠ୍ୟ ପୁସ୍ତକ ବଣ୍ଟନ, ଏଫଏଲଯୁ ଡାଇସ ପ୍ଲସ, ଶିକ୍ଷଣ ସାମଗ୍ରୀ ବ୍ୟବହାର, ମଧ୍ୟାହ୍ନ ଭୋଜନ ସୁପରିଚାଳନା, ପାଠ୍ୟ ଟିକା, ସମୟ ସାରଣୀ ପ୍ରସ୍ତୁତି, ପ୍ରାକ୍ ମାଟ୍ରିକ ବୃତ୍ତି, ବିଦ୍ୟାଳସ୍ତରରେ ଉନ୍ନତି ଓ ଛାତ୍ରୀଛାତ୍ରମାନଙ୍କ ସାମଗ୍ରୀକ ବିକାଶ ପାଇଁ ଯୋଜନା ପ୍ରଣୟନ, ବିଦ୍ୟାଳୟ ସମ୍ପତି ଉପଯୁକ୍ତ ରକ୍ଷଣବେକ୍ଷଣ, ବୁଥ ହୋଇଥିବା ବିଦ୍ୟାଳୟରେ ଏଏମଏଫକୁ ସୁନିଶ୍ଚିତ କରିବା ଇତ୍ୟାଦି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ବିଜ୍ଞାନ ଶିକ୍ଷକ ସୁଶାନ୍ତ ଯୋଶୀ ଓ ବିଆରସି ଉତ୍କଳମଣି ଅଗସ୍ତି ବୈଠକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଚନ୍ଦ୍ରକଳା ଜଗତ, ବିଜୟ କୁମାର ସାହୁ, ଅଶ୍ୱନୀ କୁମାର ଭୋଇ, ପ୍ରବୋଧ ହୋତା, ଦୀନବନ୍ଧୁ କୁମାର, ଧମକ ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ।



ସମୀକ୍ଷା ବୈଠକରେ ଉପସ୍ଥିତ ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ।

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ଲାଞ୍ଜିଗଡ଼,୨୪।୩(ରମେଶ ଚନ୍ଦ୍ର ନାୟକ)



ମୃତକଙ୍କ ସମ୍ପର୍କୀୟମାନେ ରାସ୍ତା ଉପରେ ମୃତଦେହ ରଖି ଅବରୋଧ କରିଛନ୍ତି।

### ଭାରସାମ୍ୟ ହରାଇ ବାଇକ୍ ଗଛରେ ପିଟିବା ଘଟଣା

■ ଡାକ୍ତରଖାନା ସ୍ଥାନାନ୍ତର ବେଳେ ବାଟରେ ବୃଦ୍ଧଙ୍କ ମୃତ୍ୟୁ

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ଲାଞ୍ଜିଗଡ଼ ଆଶ୍ରମପଡା ନିକଟରେ ଏକ ବାଇକ୍ ରାସ୍ତାରେ ଯାଉଥିବା ଜଣେ ବୃଦ୍ଧାଙ୍କୁ ଧକ୍କା ଦେଇ ଗଛରେ ପିଟି ହେବା ଫଳରେ ବୃଦ୍ଧା ଏବଂ ବାଇକ୍ ଚାଳକ ଗୁରୁତର ଆହତ ହୋଇଥିଲେ। ଡାକ୍ତରଖାନା ସ୍ଥାନାନ୍ତର ବେଳେ ବୃଦ୍ଧଙ୍କ ବାଟରେ ମୃତ୍ୟୁ ଘଟିଛି। ମୃତକ ହେଲେ ଲାଞ୍ଜିଗଡ଼ ଆଶ୍ରମ ପଡାର ସନ୍ତୋଷ ମୁଣ୍ଡା (୫୫)। ରବିବାର ଭବାନୀପାଟଣାଠାରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ପରିବାର ଲୋକେ ମୃତଦେହ ଲାଞ୍ଜିଗଡ ଆଣିବା ପରେ ଦୁର୍ଘଟଣାସ୍ଥଳରେ ରବିବାର ଅପରାହ୍ନ ୩ଟାରେ ରାସ୍ତା ଉପରେ ମୃତଦେହ ରଖି କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ଲୋକଙ୍କ ରାସ୍ତାରୋକୋ ଯୋଗୁ ଲାଞ୍ଜିଗଡ–ବିଶ୍ୱନାଥପୁର ରାସ୍ତାରେ ଯାତାୟାତ ଠପ ହୋଇଯାଇଥିଲା। ଖବର ପାଇ ଲାଞ୍ଜିଗଡ଼ ଥାନା ଅଧିକାରୀ ବିଜୟଲକ୍ଷ୍ମୀ ହିକକା ନିଜ ଟିମ ସହିତ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାର ଏବଂ ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ଦୀର୍ଘ ୪ଘଣ୍ଟା ପରେ ଦୁର୍ଘଟଣା ଘଟାଇଥିବା ବ୍ୟକ୍ତି ୧ ଲକ୍ଷ ୩୦ ହଜାର ଟଙ୍କା, ଲାଞ୍ଜିଗଡ ତହସିଲଦାର କିରଣ କୁମାର ମହାନ୍ତି ରେଡକ୍ରସ ପକ୍ଷରୁ ୧୦ ହଜାର, ସ୍ଥାନୀୟ ବିଧାୟକ ଶିବାଜୀ ମାଝିଙ୍କ ପକ୍ଷରୁ ୧୦ ହଜାର, ଲାଞ୍ଜିଗଡ଼ ଥାନାଧିକାରୀଙ୍କ ପକ୍ଷରୁ ୧୦ ହଜାର, ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା ହରିଶ୍ଚନ୍ଦ୍ର ଯୋଜନାରୁ ୩ ହଜାର ଟଙ୍କାର ସହାୟତା ପାଇଁ ପ୍ରତିଶ୍ରୁତି ଦିଆଯିବା ପରେ ଲୋକେ ମୃତଦେହ ଉଠାଇବା ସହିତ ରାସ୍ତାରୋକୋ ହଟିଥିବା ଥାନାଧିକାରୀ ବିଜୟ ଲକ୍ଷ୍ମୀ ହିକକା ସୂଚନା ପ୍ରଦାନ କରିଛନ୍ତି। ଏ ନେଇ ଥାନାରେ ଦଫା ୨୭୯/୩୦୪(ଏ) ଆଇପିସିରେ ଏକ ମାମଲା (ନଂ.୩୬/୨୪) ରୁଜୁ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଅପରପକ୍ଷରେ ଦୁର୍ଘଟଣା ଘଟାଇଥିବା ବାଇକ ଚାଳକ ରିଙ୍କୁ ମହାନ୍ତି (୨୮)ଙ୍କୁ ମଧ୍ୟ ଗୁରୁତର ଭାବେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

ସୂଚନା ମୁତାବକ ଶନିବାର ରାତି ୯ଟାରେ ଲାଞ୍ଜିଗଡ଼ ଆଶ୍ରମ ପଡାର ସନ୍ତୋଷ ନିକଟସ୍ଥ କୁମ୍ଭାରପଡା ଯାଇ ଫେରୁଥିବା ବେଳେ ଆଶ୍ରମପଡା ନିକଟସ୍ଥ ପୋଖରୀ ପାଖରେ ବାଇକରେ ରିଙ୍କୁ ଲାଞ୍ଜିଗଡ ଆଡକୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ମୁଣ୍ଡାଙ୍କୁ ଧକ୍କା ଦେଇ ପୋଖରୀ ନିକଟସ୍ଥ ଏକ ଗଛରେ ପିଟିହେଇ ପଡିଯାଇଥିଲେ। ଆହତ ୨ଜଣଙ୍କୁ କେତେଜଣ ଉଦ୍ଧାର କରି ଲାଞ୍ଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର ବେଳେ ଅଧାବାଟରେ ସନ୍ତୋଷଙ୍କ ମୃତ୍ୟୁ ଘଟିଥିବାବେଳେ ଡାକ୍ତରଖାନାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ପ୍ରେମର ସ୍ମାରକୀ ଶଶିସେଣା ମନ୍ଦିର ଅବହେଳିତ

ସୋନପୁର,୨୪।୩(ମୃତ୍ୟୁଞ୍ଜୟ ଶତପଥୀ)

## ଗୌରବମୟ ତନ୍ତ୍ର ସାଧନାର ମୂକସାକ୍ଷୀ


ଅବହେଳିତ ଅବସ୍ଥାରେ ଥିବା ଶଶିସେଣା ମନ୍ଦିର।

ତନ୍ତ୍ରମନ୍ତ୍ରର ପୀଠ ହେଉଛି ସୁବର୍ଣ୍ଣପୁର। ଏଭଳି ଗୌରବମୟ ସୁନାମଧନ୍ୟ ତନ୍ତ୍ର ସାଧନାର ମୂକସାକ୍ଷୀ ହେଉଛି ସୁବର୍ଣ୍ଣପୁରର ଶଶିସେଣା ମନ୍ଦିର। କାରୁକାର୍ଯ୍ୟରେ ଏହା ଆଗ୍ରାର ତାଜମହଲ ଭଳି ହୋଇ ନ ପାରେ। ତେବେ ମନ୍ଦିର ପଛରେ ରହିଥିବା ଇତିହାସ ତାଜମହଲଠୁ କୌସି ଗୁଣରେ କମ ନୁହେଁ। ସୁବର୍ଣ୍ଣପୁର କଚେରୀ ସମ୍ମୁଖରେ ଅବସ୍ଥିତ ଶଶିସେଣା ମନ୍ଦିର ହେଉଛି ଶାଶ୍ୱତ ପ୍ରେମର ସନ୍ତକ। ନିଜ ପ୍ରେମିକ ଅହିମାଣିକ୍ୟଙ୍କୁ ପାଇବା ପାଇଁ ରାଜକନ୍ୟା ଶଶିସେଣାଙ୍କ ତ୍ୟାଗର ବାର୍ତ୍ତା ବହନ କରେ ଏହି ମନ୍ଦିର। ମନ୍ଦିରରେ କୌଣସି ଠାକୁର ପୂଜା ପାଉନାହାନ୍ତି ସତ। ତେବେ ଐତିହାସିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ଏହା ଏକ ପବିତ୍ର ସ୍ଥାନ। ଏହି ମନ୍ଦିରରେ କୌଣସି ରାସ୍ତା(ମୁହଁ) ନାହିଁ। ତେଣୁ ଏହାକୁ ନିମୁହଁ ମନ୍ଦିର ମଧ୍ୟ କୁହାଯାଏ।

ଦୀର୍ଘ ବର୍ଷ ଧରି ଅବହେଳିତ ହୋଇ ପଡିରହିଛି ଏହି ସ୍ମୃତି ମନ୍ଦିର। ଐତିହାସିକ ଏବଂ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ସମସ୍ତ ଉପାଦାନ ଭରି ରହିଥିଲେ ମଧ୍ୟ ଏହି ମନ୍ଦିରର ଉନ୍ନତିକରଣ ପାଇଁ ଦୃଷ୍ଟି ଦିଆଯାଉ ନାହିଁ। ମନ୍ଦିରର ବିଭିନ୍ନ ସ୍ଥାନରେ ରଙ୍ଗ ଛାଡି ଗଲାଣି। କାନ୍ଥରେ ଶିଉଳି ଲାଗି କଳା ହୋଇ ଗଲାଣି। ମନ୍ଦିର ପରିସର ସଫା ସୁତୁରା ନାହିଁ। ଅମରାବତୀ ରାଜ୍ୟର ରାଜକନ୍ୟା ଶଶିସେଣା ଏବଂ ସେହି ରାଜ୍ୟର ଦେୱାନଙ୍କ ପୁଅ ଅହିମାଣିକ୍ୟଙ୍କ ଶାଶ୍ୱତ ପ୍ରେମର ସ୍ମୃତି ପୂର୍ବକ ସୋନପୁର ମହାରାଜା ବୀରମିତ୍ରୋ ସିଂହଦେଓ ୧୯୦୨ରୁ ୧୯୩୭ ମଧ୍ୟରେ ନିର୍ମାଣ କରିଥିଲେ ଶଶିସେଣା ମନ୍ଦିର। ଏହି ମନ୍ଦିର ଅବହେଳିତ ହୋଇ ପଡିଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମନ୍ଦିର କାନ୍ଥରେ ଥିବା ପ୍ରତ୍ୟେକ ମୂର୍ତ୍ତି ସୁବର୍ଣ୍ଣପୁରର ତନ୍ତ୍ର ବିଦ୍ୟାର ନିଦର୍ଶନ। ଏହା ଏକ ସ୍ମାରକ ସ୍ଥଳ ହୋଇଥିବାରୁ ମନ୍ଦିରର ଉନ୍ନତିକରଣ ପାଇଁ ସରକାର ଧ୍ୟାନ ଦେବା ଜରୁରୀ ହୋଇପଡିଛି। ସେହିଭଳି ମନ୍ଦିର ସମ୍ପର୍କରେ ପ୍ରଚାର ପ୍ରସାର ହୋଇ ପାରିଲେ ବହୁ ଗବେଷକ ନିଜ ଗବେଷଣା ପାଇଁ ଏଠାକୁ ଆସି ପାରନ୍ତେ ବୋଲି ଐତିହାସିକ ସୁଦାମ ନାଏକ କହିଛନ୍ତି। ଶଶିସେଣା ମନ୍ଦିର ଚତୁଃପାର୍ଶ୍ୱରେ ସୌନ୍ଦର୍ଯ୍ୟକରଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ୟୁଟ୍ୟୁବର ସେଲିବ୍ରିଟି ମେନ୍ସ ଡବଲ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ

ସୋନପୁର,୨୪।୩(ମୃତ୍ୟୁଞ୍ଜୟ ଶତପଥୀ)


ରାମେଶ୍ୱର ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ବ୍ୟାଡମିଣ୍ଟନ ମ୍ୟାଚ।

ସୁବର୍ଣ୍ଣପୁର ରାମେଶ୍ୱର ଇନଡୋର ଷ୍ଟାଡିୟମଠାରେ ୟୁଟ୍ୟୁବର ସେଲିବ୍ରିଟି ମେନ୍ସ ଡବଲ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ୟୁଟୁବର ସଂଘ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଜିଲା ତଥା ପଶ୍ଚିମ ଓଡ଼ିଶାର ମୋଟ ୩୦ଟି ଦଳ ଭାଗ ନେଇଥିଲେ। ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସମାରୋହରେ ସାମାଜିକ କର୍ମୀ ଅରବିନ୍ଦ ବାରିକ, ସ୍ୱାଧୀନ ଖଟୁଆ, ରାଜକିଶୋର ମଲ୍ଲିକ, ଆୟୋଜକ ପାଣିନି ପ୍ରାଙ୍କ, ସୁରେଶ ରଥ, ସଙ୍ଗୀତଜ୍ଞ ଶାଶ୍ୱତ ତ୍ରିପାଠୀ ମଞ୍ଚାସୀନ ଥିଲେ। ଅବିନାଶ ହୋତା ମଞ୍ଚ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟରେ ପ୍ରସିଦ୍ଧ କଣ୍ଠଶିଳ୍ପୀ ରକ୍‌ଷ୍ଟାର ରୁକୁ ସୁନା, ଅଭିନେତା ଭାରତ ଗୌରବ, ଅଭିନେତା ପ୍ରମୋଦ ମହାପାତ୍ର, ଅଭିନେତା ମହେଶ, ଗୋପାଳ ପ୍ରଧାନଙ୍କ ଭଳି ନାମୀ ଅଭିନେତା ଯୋଗଦେଇ ନିଜର ଖେଳ ପ୍ରଦର୍ଶନ କରିଛନ୍ତି । ୧୫ ପଏଣ୍ଟ ବିଶିଷ୍ଟ ଏହି ମ୍ୟାଚଗୁଡ଼ିକ ୩ ଟି ସେଟରେ ଖେଳା ଯାଇଥିଲା। ମ୍ୟାଚଗୁଡ଼ିକ ବରିଷ୍ଠ କ୍ରୀଡା ଶିକ୍ଷକ ରଘୁନାଥ ଥନାପତି ଓ ବନମାଳୀ ପଣ୍ଡା ପରିଚାଳନା କରିଥିବାବେଳେ ଦେବାଶିଷ ପଟ୍ଟନାୟକ ଓ ନାରାୟଣ ରଥ ସହଯୋଗ କରିଥିଲେ। ପ୍ରଥମ ମ୍ୟାଚ ରକୁ ସୁନା ଓ ସାଥୀ ବନାମ ପ୍ରାଣବନ୍ଧୁ ଓ ମନୋଜ ଦଳ ମଧ୍ୟରେ ହୋଇଥିବା ବେଳେ ପ୍ରାଣବନ୍ଧୁ ଓ ମନୋଜ ବିଜୟୀ ହୋଇଥିଲେ। ସେହିପରି ପ୍ରଥମ ସେମିଫାଇନାଲରେ ସୋନପୁରିଆ ମନୋଜ ଦଳକୁ ହରାଇ ପି ପି ପ୍ରଡକ୍ସନ ପ୍ରଥମେ ଫାଇନାଲରେ ପହଞ୍ଚିଥିଲା। ଦ୍ୱିତୀୟ ସେମିଫାଇନାଲରେ ହେଶଟେକ ଭାଇୟା ଦଳକୁ ହରାଇ ଆର୍ କେ ମିଡ଼ିଆ ଦଳ ଫାଇନାଲ ରେ ସ୍ଥାନ ପାଇଥିଲା। ଫାଇନାଲ ମ୍ୟାଚ ପି ପ୍ରଡକ୍ସନର ଭାରତ ଗୌରବ ଓ ପ୍ରମୋଦ ମହାପାତ୍ର ବନାମ ଆର୍ କେ ମିଡ଼ିଆର ରମାକାନ୍ତ ଓ ଥବିର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ବେଶ ଚିତ୍ତାକର୍ଷକ ହୋଇଥିଲା। ୨୧ ପଏଣ୍ଟ ବିଶିଷ୍ଟ ଏହି ମ୍ୟାଚର ପ୍ରଥମ ସେଟରେ ୨୧-୧୮ ପଏଣ୍ଟରେ ଆର୍ କେ ମିଡ଼ିଆ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ସେଟରେ ମଧ୍ୟ ୨୧-୧୮ ରେ ଆର୍ କେ ମିଡ଼ିଆ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା।

# ଉମା ଗ୍ରାମରେ ଦୋଳପୂର୍ଣ୍ଣିମା ଉତ୍ସବ


କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରୁଛି।

ଖୁଣ୍ଟିଗୋରା,୨୪।୩(ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଉମା ଗ୍ରାମରେ ଦୋଳ ପୂର୍ଣ୍ଣିମା ଉତ୍ସବ ରବିବାର ଆରମ୍ଭ ହୋଇଛି। ଏନେଇ ଅପରାହ୍ନରେ କଳସ ଶୋଭାଯାତ୍ରା ହୋଇଥିଲା। ଶ୍ରଦ୍ଧାଳୁମାନେ ନଦୀରୁ ଜଳପୂର୍ଣ୍ଣ କଳସ ଧରି ଗ୍ରାମ ପରିକ୍ରମା କରିଥିଲେ। ପୁରୋହିତ ବଳରାମ ଦାଶ ଓ ରାଜାରାମ ଦାଶ ପୂଜାର୍ଚ୍ଚନା କରିଥିଲେ। ସନ୍ତୋଷ ରାଉତ, ସତ୍ୟବତୀ ରାଉତ, ଯୁଧିଷ୍ଠିର ରଣା, ବାସନ୍ତୀ ରଣା, ତପନ କୁମାର ସାହୁ, ପିଙ୍କି ସାହୁ, ରଞ୍ଜନ ରଣା, ରଞ୍ଜିତା ରଣା, ସମିର ରାଉତ, ଯୋଗବନ୍ତି ରାଉତ, ସୁରେନ୍ଦ୍ର ସାହୁ, ଗୋଲାପି ସାହୁ, ଧର୍ମପଦ ରଣା, ଶୋଭାଗିନୀ ରଣା, ସୁଶାନ୍ତ ରଣା, ଇନ୍ଦୁ ରଣା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

# ଖଣ୍ଡହତାରେ କଳସ ଶୋଭାଯାତ୍ରା


କଳସ ଶୋଭାଯାତ୍ରା।

ଅମରପାଲି,୨୪।୩(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତଖଣ୍ଡହତାରେ ସୋମବାର ଦିନ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ଦିନ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଗ୍ରାମ ନିକଟସ୍ଥ ଜଳାଶୟରୁ ଗ୍ରାମର ମହିଳାମାନେ ଜଳପୂର୍ଣ୍ଣ କଳସ ଆଣି ନାମମଣ୍ଡପ ଓ ହୋମ ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ଶୋଭାଯାତ୍ରାରେ ଘଣ୍ଟ, ଶଙ୍ଖ ,ହୁଳହୁଳି, ଢୋଲ, ନିଶାନ, ତାସା ଆଦି ପଞ୍ଚବାଦ୍ୟ ସାମିଲ ଥିଲା। ବିଭିନ୍ନ ସଙ୍କୀର୍ତ୍ତନ ଦଳ ସଙ୍କୀର୍ତ୍ତନ ପରିବେଷଣ କରିଥିଲେ।

# ପାଣି ପାଇଁ ହନ୍ତସନ୍ତ: ଆନ୍ଦୋଳନ ଚେତାବନୀ

ଘଣ୍ଟାପଡ଼ା,୨୪।୩(ପ୍ରଭାତ କୁମାର ସାହୁ)


ଅନାବନା ଘାସ ଓ ଲତାରେ ପରିପୂର୍ଣ୍ଣ ନୂଆ ପ୍ରକଳ୍ପ।

## ନୂତନ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଦାବି

ଗ୍ରୀଷ୍ମଋତୁ ଆସିଲେ ପାଣି ପାଇଁ ବୌଦ୍ଧ ଜିଲା କଣ୍ଟାମାଳ ଗ୍ରାମବାସୀଙ୍କ ଦୁଃଖ ଦ୍ୱିଗୁଣିତ ହୋଇଯାଏ। ଲୋକଙ୍କୁ ଦୂର ସ୍ଥାନକୁ ଯାଇ ପାଣି ଆଣିବାକୁ ପଡୁଛି। ଦୀର୍ଘ ୧୦ ବର୍ଷ ହେବ କଣ୍ଟାମାଳ ତେଲ ନଦୀ କୂଳରେ ନିର୍ମାଣ ହୋଇ ଥିବା ପ୍ରକଳ୍ପ ଇତିମଧ୍ୟରେ ଶେଷ ହେବାର ଦୁଇ ବର୍ଷ ବିତି ଯାଇଥିଲେ ହେଁ କାର୍ଯକାରୀ ହୋଇପାରିନାହିଁ। ଫଳରେ କଣ୍ଟାମାଳକୁ ସେଇ ପୁରୁଣା ପଦ୍ଧତିରେ ସିଧା ନଦୀରୁ ଜଳ ଯୋଗାଣ ହେଉଛି। ତେବେ ଏହା କଣ୍ଟାମାଳବାସୀଙ୍କ ଶୋଷ ମେଣ୍ଟାଇବାରେ ବିଫଳ ହେଉଛି। କାରଣ କମ୍ କ୍ଷମତା ବିଶିଷ୍ଟ ମୋଟର ଯୋଗୁ କିଛି ଦିନ ଚାଲିବା ପରେ ଜଳ ଯୋଗାଣ ଠପ୍ ହୋଇଯାଉଛି। ଅପରପକ୍ଷରେ ନୂତନ ଭାବରେ ତିଆରି ହୋଇଥିବା ପ୍ରକଳ୍ପରେ ଲଟା ବୁଦା ମାଡ଼ି ଯନ୍ତ୍ରାଂଶ ସବୁ କଳଙ୍କି ଲାଗିବାକୁ ବସିଲାଣି। ଏନେଇ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରାଯାଇ ଥିଲେ ହେଁ କୌଣସି ଲାଭ ହୋଇ ପାରିନାହିଁ। ପ୍ରଶାସନ ଗ୍ରୀଷ୍ମର ମୁକାବିଲା ପାଇଁ ଜିଲା ସ୍ତରରେ ବିଭିନ୍ନ ଆଲୋଚନା କରୁଥିବା ବେଳେ କଣ୍ଟାମାଳ ଅବହେଳିତ ହୋଇ ରହିଛି। ଇତିମଧ୍ୟରେ ବୌଦ୍ଧ ଜିଲାରେ ଜଳଯୋଗାଣ ଓ ପରିମଳ ବିଭାଗର ତିନି ଜଣ କାର୍ଯ୍ୟନିର୍ବାହୀ ଅଧିକାରୀ ବଦଳି ହୋଇ ସାରିଥିବା ବେଳେ କଣ୍ଟାମାଳ ତେଲ ନଦୀ କୂଳରେ ଥିବା ନୂତନ ପ୍ରକଳ୍ପ କାର୍ଯ୍ୟକାରୀ ନ ହୋଇ ସେମିତି ପଡ଼ି ରହିଛି। ତେବେ ଆଗାମୀ ଦିନରେ ଉକ୍ତ ପ୍ରକଳ୍ପ କାର୍ଯକାରୀ କରା ନ ଗଲେ ଅଞ୍ଚଳର ମହିଳାମାନେ ରାଜ ରାସ୍ତାକୁ ଓହ୍ଲାଇ କଣ୍ଟାମାଳ ଜଳ ପରିମଳ ଅଫିସ ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି। ଏ ସଂପର୍କରେ କଣ୍ଟାମାଳସ୍ଥିତ ଜଳ ଓ ପରିମଳ ବିଭାଗର ଯନ୍ତ୍ରୀ ଅଜିତ କୁମାର ସେଠୀଙ୍କୁ ପଚାରିବାରୁ ସବୁ ଠିକ୍‌ଠାକ୍ ଚାଲିଛି। କାରଣ ଏ ପର୍ଯ୍ୟନ୍ତ କୌଣସି ଅଭିଯୋଗ ଆସିନାହିଁ।

# ଉଦେପଦର୍ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ

ଉଲୁଣ୍ଡା,୨୪।୩(ଉରୁକ୍ରମ ପାଣ୍ଡିଆ)

## କୃଷ୍ଣ ଜନ୍ମ ମଞ୍ଚସ୍ଥ

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଉଦେପଦରଠାରେ ଦୋଳପୂର୍ଣ୍ଣିମା ଉପଲକ୍ଷେ ହେଉଥିବା ସର୍ବପୁରାତନ ହରିହର ଭେଟ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଗ୍ରାମବାସୀଙ୍କ ତରଫରୁ ଧନୁଯାତ୍ରା ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। କମିଟିର ସଭାପତି ମନୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ଏବଂ ଲସ୍ତଲା ସରପଞ୍ଚ ପ୍ରତିନିଧି ଗଙ୍ଗାଧର ମହାକୁର ଅତିଥି ଭାବରେ ଯୋଗଦେଇ ମହୋତ୍ସବର ଉଦ୍‌ଘାଟନ କରିଥିଲେ। ଉରୁକ୍ରମ ପାଣ୍ଡିଆ ମଞ୍ଚ ପରିଚାଳନା କରିଥିବା ବେଳେ ଅନିରୁଦ୍ଧ ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆୟୋଜକ କମିଟି ତରଫରୁ ସମସ୍ତ ଶିଶୁ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ପୌରାଣିକ କଥାବସ୍ତୁକୁ ଆଧାର କରି ପ୍ରଥମ ସନ୍ଧ୍ୟାରେ ଯୁବରାଜ କଂସ ଦୁର୍ମିଳାସୁରକୁ ନିଧନ କରିଥିବା ବେଳେ ଦେବକୀ ବସୁଦେବଙ୍କ ବିବାହ ସମ୍ପନ୍ନ ହୋଇଥିଲା। ସେହି ସମୟରେ ଶୂନ୍ୟ ବାଣୀରୁ ନିଜ ମରଣ ରହସ୍ୟ ଶୁଣି ମହାରାଜ ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ମହାରାଜ କଂସ ସିଂହାସନ ଆରୋହଣ କରିଥିଲା। ପରେ ଦେବକୀଙ୍କ ସମସ୍ତ ସନ୍ତାନଙ୍କୁ ହତ୍ୟା କରିବା ସକାଶେ କାରାଗୃହରେ ଉଭୟ ବସୁଦେବ ଓ ଦେବକୀଙ୍କୁ ବନ୍ଦୀ କରିବା ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ସେହିପରି ରବିବାର ଦ୍ୱିତୀୟ ସନ୍ଧ୍ୟାରେ ଦେବକୀ ଗର୍ଭର ଷଡ଼ ପୁତ୍ରଙ୍କୁ ଦର୍ପଣ ଶିଳାରେ କଚାଡି କଂସ ହତ୍ୟା କରେ। ସପ୍ତମ ଗର୍ଭର ସନ୍ତାନ ଅଦୃଶ୍ୟ ହୋଇଥିବା ବେଳେ ଅଷ୍ଟମ ଗର୍ଭରେ କୃଷ୍ଣ ଜନ୍ମ ନେଇଛନ୍ତି। ତେବେ କୌଶଳ କ୍ରମେ ବସୁଦେବ କୃଷ୍ଣଙ୍କୁ ନେଇ ଗୋପପୁରରେ ନନ୍ଦରାଜାଙ୍କ ଗୃହରେ ରଖନ୍ତି ମଞ୍ଚସ୍ଥ ହୋଇଥିଲା। ରାଜକୀୟ ଅତିଥି ଭାବରେ ସାମାଜିକ କର୍ମୀ ଆନନ୍ଦ ବାରିକ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଦରବାରରେ ଶିଶୁ କଳାକାର ଓ ଆଲବମ ନାୟିକାଙ୍କ ନୃତ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା ।


ଦରବାରରେ ଶିଶୁ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଜୋନସ୍ତରୀୟ କର୍ମୀ ସମ୍ମିଳନୀ

ତଳଗାଁ,୨୪।୩ (କୁନା ବେହେରା)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଛତ୍ରଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଭାଲିଆଗୁଡାଠାରେ ୯ ନମ୍ବର ଜୋନସ୍ତରୀୟ କର୍ମୀ ସମ୍ମିଳନୀ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ପଙ୍କଜ କୁମାର କର୍ଣ୍ଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ହରଭଙ୍ଗା, କୁଶଙ୍ଗ, ମହାଲ୍ଲିକପଡ଼ା, ଛତ୍ରଙ୍ଗ ଏବଂ ସଙ୍କୁଲଇ ଗ୍ରାମପଞ୍ଚାୟତର ପ୍ରତ୍ୟେକ ବୁଥସ୍ତରୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ବୈଠକରେ ଅବସରପ୍ରାପ୍ତ କୃଷି ଅଧିକାରୀ ପ୍ରଦ୍ୟୁମ୍ନ ଦାସ କଂଗ୍ରେସର ଇସ୍ତାହାର ସମ୍ପର୍କରେ ଉପସ୍ଥିତ କର୍ମୀଙ୍କୁ ବୁଝାଇଥିଲେ। ଜିଲା କଂଗ୍ରେସ ସଭାପତି ନବ କୁମାର ମିଶ୍ର ଉଦ୍‌ବୋଧନ ଦେଇ କଂଗ୍ରେସକୁ ଭୋଟ ଦେବାକୁ କହିଥିଲେ। ବଳରାମ ପ୍ରଧାନ, ରଞ୍ଜିତ ପାତ୍ର, ଚିତ୍ରସେନ ମଲ୍ଲିକ ଏବଂ ସୁବଳ ମଲ୍ଲିକ ନିଜର ମତାମତ ଉପସ୍ଥାପନା କରିଥିଲେ । ଜିଲା କଂଗ୍ରେସ ଉପ ସଭାପତି ସମରେଶ ମିଶ୍ର ବୈଠକ ପରିଚାଳନା କରିଥିବା ବେଳେ ବ୍ଲକ କଂଗ୍ରେସ ଉପସଭାପତି ରମାକାନ୍ତ ଭୋକ୍ତା ଧନ୍ୟବାଦ ପ୍ରଦାନ କରିଥିଲେ। ଗଣେଶ ଲୌରିଆ, ରମାକାନ୍ତ ବେହେରା, ବିଷ୍ଣୁ ଚରଣ ବେହେରା, ଚୈତନ୍ୟ ମାଝୀ ପ୍ରମୁଖ ସହଯୋଗ କରିଥିଲେ ।

# ଶରଧାପାଲିରେ କଂଗ୍ରେସର ମିଶ୍ରଣ ପର୍ବ

ସୋନପୁର,୨୪।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ଶରଧାପାଲିଠାରେ କଂଗ୍ରେସର ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ତଥା ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଆଶାୟୀ ପ୍ରାର୍ଥୀ ପ୍ରିୟବ୍ରତ ସାହୁଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ଏଥିରେ କଳାପଥର ପଞ୍ଚାୟତର ଶତାଧିକ ଯୁବକ ଅନ୍ୟ ଦଳ ପରିତ୍ୟାଗ କରି କଂଗ୍ରେସରେ ଯୋଗ ଦେଇଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ ସେମାନେ କଂଗ୍ରେସର ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କ ପାଇଁ କାମ କରିବେ ବୋଲି କହିଥିଲେ। ପ୍ରାରମ୍ଭରେ ଜିଲା କଂଗ୍ରେସ କମିଟି ସଭାପତି ବିନୋଦ ପାତ୍ର, ପ୍ରାକ୍ତନ ଜିଲା କଂଗ୍ରେସ କମିଟି ସଭାପତି ଗୌରୀଶ୍ୟାମ ପଣ୍ଡା, ବରିଷ୍ଠ ନେତା ସୁଧୀର ପଣ୍ଡା, ରାଜେଶ ମିଶ୍ର, ରାଜେନ୍ଦ୍ର ମେହେର ଓ କୃଷ୍ଣଚନ୍ଦ୍ର ବାଗ ଯୋଗଦାନ କରି ଦୀର୍ଘ ୨୪ ବର୍ଷର ବିଜେଡି ଶାସନରେ ଓଡିଶା ତାର ଅସ୍ମିତାକୁ ହରାଇ ଥିବା ଅଭିଯୋଗ କରିଥିଲେ। ଗାଁ ଗାଁରେ ମଦର ବନ୍ୟା, ବେକାରି ବୃଦ୍ଧି ଓ ଦାଦନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରର ଜନବିରୋଧୀ ନୀତି ସମ୍ପର୍କରେ ନେତୃବୃନ୍ଦ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଉଦ୍ଧବ ବଗର୍ତ୍ତି, ମିଳନ ସାହୁ, ଇଶ୍ୱର ପେରା, ଆଲୋକ କୁମ୍ଭାର, ପଞ୍ଚାନନ ବଗର୍ତ୍ତି, ବାଞ୍ଛାନିଧି ଭୋଇ, ମାନସ ବାରିକ, ପ୍ରଦୀପ ବଣ୍ଡକି, ତ୍ରିନାଥ ଭୋଇ, କିରଣ ପଣ୍ଡା ଓ ଅରୁଣ ଭୋଇ ପ୍ରମୁଖ ଯୋଗଦାନ କରିଥିଲେ।


ଯୁବକମାନେ କଂଗ୍ରେସ ଦଳରେ ଯୋଗ ଦେଉଛନ୍ତି।

# ଦେଶ୍‌ଫାଲ୍ ଅଞ୍ଚଳର କଳା,ସଂସ୍କୃତି,ପରମ୍ପରା ଅନନ୍ୟ

ଅମରପାଲି,୨୪।୩(ପୀତାମ୍ବର ସାହୁ)



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।


ବରଗଡ କଳାଜୀବୀ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ।

## ୫ମ ଦେଶ୍‌ଫାଲ୍ ଲୋକକଳା ମହୋତ୍ସବ ଉଦ୍‌ଯାପିତ

- ମନ ମୋହିଲା ନଚନିଆଁ, ବୀଣାକାର ନୃତ୍ୟ
- ପଦ୍ମଶ୍ରୀ ନୀଳମାଧବ ପଣ୍ଡାଙ୍କୁ ଦେଶ୍‌ଫାଲ୍ କଳା ସମ୍ମାନ

କଳା,ସଂସ୍କୃତିର ମାଟି ହେଉଛି ଦେଶ୍‌ଫାଲ୍ ଅଞ୍ଚଳ। ଏହି ଅଞ୍ଚଳରେ ପ୍ରସିଦ୍ଧ ପାତାଳୀ ଶ୍ରୀକ୍ଷେତ୍ର, ମା' ମେଟାକାନୀ,ଚନ୍ଦ୍ରମଣି ମଠ,ମହାନଦୀ ଭିତରେ ଥିବା ଖଣ୍ଡିଆ ଦେଉଳ, ଗୋଧନେଶ୍ୱର ମନ୍ଦିର, ବଡ଼ଖମାରର ବରାହପଦର ମଠ ଅଞ୍ଚଳର ପ୍ରାଚୀନ ପୀଠର ନିଦର୍ଶନ। ଏହି ଅଞ୍ଚଳର ବାନ୍ଧ କଳା ଓ ସମ୍ବଲପୁରୀ ଶାଢ଼ୀ ବିଶ୍ୱବିଦିତ। ଏହି ମାଟିର ପ୍ରମୁଖ ବ୍ୟକ୍ତିବିଶେଷ ବିଭିନ୍ନ ପ୍ରଶାସନିକ କ୍ଷେତ୍ରରେ ଦେଶର ସେବା କରି ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି। ସର୍ବୋପରି ଅଞ୍ଚଳର କଳା, ସଂସ୍କୃତି ଓ ପରମ୍ପରା ଅନନ୍ୟ ବୋଲି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଧର୍ମଶାଳାସ୍ଥିତ ଦୋଳମଣ୍ଡପ ପଡ଼ିଆରେ ଅନୁଷ୍ଠିତ ୫ମ ଦେଶଫାଲ ଲୋକକଳା ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଦେଶଫାଲ ଲୋକକଳା ମହୋତ୍ସବ କମିଟିର ସଭାପତି ପଦ୍ମଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାର ସାଂସ୍କୃତିକ ସଭାରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି, ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ସ୍ୱତନ୍ତ୍ର ଅତିଥି ଓ ଉଲୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବର୍ଣ୍ଣପୁର ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର,ମୁଣ୍ଡଘାଟ ସରପଞ୍ଚ କେଶନ ଜଗଦଲା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ନିଜ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଦେଶଫାଲ ଲୋକକଳା ମହୋତ୍ସବ କମିଟିର ସମ୍ପାଦକ ଶ୍ରୀନିବାସ ଚାନ୍ଦ ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ଉପଢୌକନ ଓ ସ୍ମୃତିଫଳକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କେଶବ କୁମାର ଦାସ,ବୀରେନ ଜଗଦଲା , ବ୍ରହ୍ମା କୁମ୍ଭାର ଓ ସାଥୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ପଦ୍ମଶ୍ରୀ ନୀଳ ମାଧବ ପଣ୍ଡାଙ୍କୁ ଦେଶ୍‌ଫାଲ କଳା ସମ୍ମାନ ଓ ବୈକୁଣ୍ଠ ଶତପଥୀଙ୍କୁ ଦେଶଫାଲ କୃଷି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦେଶଫାଲ ମହୋତ୍ସବ କମିଟିର ସଦସ୍ୟ ଦ୍ୱିତିକୃଷ୍ଣ ପଣ୍ଡା ଓ ହୃଷୀକେଶ ଚାନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ଧର୍ମ ନିରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ସମଲେଶ୍ୱରୀ ଓ ସୁରେଶରୀ ଭଜନରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ବରଗଡ଼ର କଳାଜୀବୀ କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ଓ ଲୋକନୃତ୍ୟ, ସୋନପୁରର ପତର ସହରା ସୁଆଙ୍ଗ ଅନୁଷ୍ଠାନ ଦ୍ୱାରା ପତର ସହରା ନୃତ୍ୟ, ବିନିକା ପ୍ରିୟମ୍ବଦା ଲୋକନୃତ୍ୟ କଳା ପରିଷଦର ଦୁଲାବିହା, ଲୋଇସିଂହା ସଙ୍ଗୀତ ସାଧନାର ଶଙ୍କର ବେହେରା ଓ ଗ୍ରୁପ ଦ୍ୱାରା ଡାଲଖାଇ, ରସରକେଲି ନୃତ୍ୟ, ଜଟେସିଂହା(ବୀରମହାରାଜପୁର) କଳାକାରଙ୍କ ଦ୍ୱାରା ନଚନିଆଁ ନୃତ୍ୟ, ସୋନପୁର ବୀଣାକାର ସୁଆଙ୍ଗ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ବୀଣାକାର ନୃତ୍ୟ ସମେତ ପାରମ୍ପରିକ, ଲୋକନୃତ୍ୟ ଓ ସମ୍ବଲପୁରୀ ନୃତ୍ୟ ଆଦି କ୍ରମାନ୍ୱୟରେ ପରିବେଷଣ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଲକ୍ଷ୍ମୀନାରାୟଣ ସାହୁ ଓ ଅବିନାଶ ହୋତା ସଂଯୋଜନା କରିଥିଲେ। ଏହା ଦେଖିବାକୁ ଦର୍ଶକଙ୍କ ଭିଡ ଜମିଥିଲା। ଦେଶ୍‌ଫାଲ ଲୋକକଳା ମହୋତ୍ସବ କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ପିକ୍‌ଅପ୍ ଭ୍ୟାନ ଚାଳକ ହତ୍ୟା ମାମଲା
## ପୋଲିସର ମାରାଥନ୍ ଜେରା

ରାଉରକେଲା,୨୪।୩(ସଙ୍ଗୀତା ଜେନା)

ଝିରପାଣି ସାପ୍ତାହିକ ହାଟରୁ ଅପହୃତ ପିକ୍‌ଅପ୍ ଭ୍ୟାନ୍ ଚାଳକ ହତ୍ୟା ମାମଲା ଦିନକୁ ଦିନ ଚ୍ୟାଲେଞ୍ଜିଂ ହୋଇପଡ଼ିଛି। ଫେବୃଆରୀ ୨୮ତାରିଖରେ ହାଟରୁ ଅପହୃତ ଭ୍ୟାନ ଚାଳକ ମଙ୍ଗଳ ଓରାମଙ୍କ ମୃତଦେହ ଝାଡଖଣ୍ଡ ରାଜ୍ୟ ଜଲଡେଗା ଫାଣ୍ଡି ଅଞ୍ଚଳରୁ ଠାବ କରାଯାଇଥିଲା। ମୃତକଙ୍କ ମୋବାଇଲ ସିଡିଆର୍ ରିପୋର୍ଟ ଆଧାରରେ ଯାଞ୍ଚ କରାଯାଇଥିଲା। ଏଥିରେ ଶେଷ କଲ୍ ଏକ ହଜିଯାଇଥିବା ମୋବାଇଲରୁ ଆସିଥିବା ଜଣାପଡ଼ିଥିଲା। ଘଟଣାର ଖିଅକୁ ସଂଯୋଗ କରି ଏହାମଧ୍ୟରେ ପୋଲିସ କିଛି ଲୋକଙ୍କୁ ସନ୍ଦେହରେ ପଚରାଉଚୁରା କରୁଛି। ମାରାଥନ୍ ଜେରା ହେଉଥିଲେ ମଧ୍ୟ ପ୍ରକୃତ ଅଭିଯୁକ୍ତ ଧରାପଡ଼ିନାହିଁ। ଏହି ହତ୍ୟା ପଛରେ ଏକ ଗ୍ୟାଙ୍ଗ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି।

### ଡମ୍ଫର ଧକ୍କାରେ ମୃତ୍ୟୁ ମାମଲା
## ସିସିଟିଭି ଯାଞ୍ଚ କରୁଛି ପୋଲିସ

ରାଉରକେଲା,୨୪।୩(ସଙ୍ଗୀତା ଜେନା)

ଶନିବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ପ୍ଲାଣ୍ଟସାଇଟ୍ ଥାନା ଅଧୀନ ବିଶ୍ରା ଛକରୁ ବନ୍ଧମୁଣ୍ଡା ଯିବା ବାଟରେ ଡମ୍ଫର ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିଲା। ଘଟଣାସ୍ଥଳରୁ ଡମ୍ଫର ଫେରାର ହୋଇଥିବା ବେଳେ ମୃତକ ଜଲଦା ନିବାସୀ ମନୁଆ ତିର୍କୀ ବୋଲି ପରିଚୟ ମିଳିଥିଲା। ସମ୍ପୃକ୍ତ ଥାନାରେ ଦୁର୍ଘଟଣାଜନିତ ମୃତ୍ୟୁ ମାମଲା ରୁଜୁ ହୋଇଛି। ଉକ୍ତ ମାମଲାରେ ପୋଲିସର ତଦନ୍ତ ଜାରି ରହିଛି। ଫେରାର ଡମ୍ଫରକୁ ଧରିବା ପାଇଁ ବନ୍ଧମୁଣ୍ଡା ସମେତ ଅନ୍ୟ ଥାନା ଅଞ୍ଚଳରେ କଡ଼ା ଯାଞ୍ଚ କରି ଡମ୍ଫରଗୁଡ଼ିକୁ ଅଟକ ରଖାଯାଇଥିଲା। ତେବେ ତଦନ୍ତ ପରେ ରବିବାର ଏହି ଡମ୍ଫର ଓ ଭାରିଯାନ ଗୁଡ଼ିକୁ ଛଡାଯାଇଥିବା ଡିଏସ୍‌ପି ନିର୍ମଳ ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି।

## ସୀମାନ୍ତରୁ ବିପୁଳ ପରିମାଣର ଲେଭିମନି ଜବତ

ରାଉରକେଲା,୨୪।୩(ସଙ୍ଗୀତା ଜେନା)

ଓଡ଼ିଶା-ଝାଡଖଣ୍ଡ ସୀମାନ୍ତରେ ମାଓବାଦୀ ଦମନ ଅଭିଯାନ ଜାରି ରହିଛି। ଏହି ଅଭିଯାନରେ ସିଆରପିଏଫ୍, କୋବ୍ରା, ଝାଡ଼ଖଣ୍ଡ ଜାଗୁଆର ପକ୍ଷରୁ ସଂଯୁକ୍ତ ଭାବେ କୋମ୍ବିଂ ଅପରେଶନ କରାଯାଉଛି। ତେବେ ସୀମାନ୍ତରେ ବିପୁଳ ପରିମାଣରେ ଲେଭିମନି ଠାବ କରାଯାଇଛି। ଏହାସହ ବିସ୍ଫୋରକ ଜବତ କରି ନଷ୍ଟ କରିଦିଆଯାଇଛି। ସିଆରପିଏଫ୍ ପକ୍ଷରୁ ସୂଚନା ଅନୁଯାୟୀ, ଗତ ଶୁକ୍ରବାର ସୀମାନ୍ତ ସରଜୋମବୁରରେ ରାଜେଶ ଦେବଗମ, ଜୟପାଳ ଦେବଗମ, ମମତା ଦେବଗମଙ୍କୁ ସୁରକ୍ଷାବଳ ଗିରଫ କରିଥିଲା। ତଦନ୍ତ ବେଳେ ଏମାନେ ବିପୁଳ ପରିମାଣର ବିଭିନ୍ନ ସ୍ଥାନରୁ ଆଦାୟ ହୋଇଥିବା ଲେଭିମନି ଏକ ସ୍ଥାନରେ ଲୁଚାଇ ରଖିଥିବା ସ୍ୱୀକାର କରିଥିଲେ। ଶନିବାର ଅପରାହ୍ନରେ ଟୋଣ୍ଟୋ ଥାନା ବନଗ୍ରାମ ଜିମକିଇକ୍ରୀ ଓ ରାଜାବାସାର ଆଖାପାଖ ଘନ ଜଙ୍ଗଲରୁ ସାଢ଼େ ୧୦ ଲକ୍ଷ ଟଙ୍କା, ଲେଭି ରସିଦ୍, ବିସ୍ଫୋରକ, ଓ୍ୱାରଲେସ୍ ସେଟ୍, ଟାବଲେଟ୍, ରେଡିଓ ସେଟ୍ ସମେତ ଅନ୍ୟ ସାମଗ୍ରୀ ଜବତ ହୋଇଥିଲା।

# ଭାବବିନୋଦିଆ କଳାଠାକୁର ମଞ୍ଚସ୍ଥ

### ଜାତୀୟ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ରାଉରକେଲା,୨୪।୩( ଦିନେଶ ମିଶ୍ର)


ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

ଛେଣ୍ଡସ୍ଥିତ ମ୍ୟୁଜିକ ସର୍କଲ ପରିସରରେ ନାଟ୍ୟାନୁଷ୍ଠାନ ସମ୍ପର୍କ ପକ୍ଷରୁ ଚାଲିଥିବା ଜାତୀୟ ନାଟକ ମହୋତ୍ସବର ରବିବାର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଛି 'ଭାବବିନୋଦିଆ କଳା ଠାକୁର'। ନାଟକକୁ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶନା ଦେଇଥିଲେ। ଅନୁଷ୍ଠାନର ସଭାପତି ସୁବ୍ରତା ପତିଙ୍କ ସଭାପତିତ୍ୱରେ ସୁବ୍ରତ ଦେ ମୁଖ୍ୟ ଅତିଥି, ଡିଏଭି ସ୍କୁଲର ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନ, ଚିନ୍ମୟ ଇଂରାଜୀ ବିଦ୍ୟାଳୟର ଅଧ୍ୟକ୍ଷା ଶର୍ମିଷ୍ଠା କବି ଶତପଥୀ ଓ ଓଡ଼ିଶା ନାଟକ ସଙ୍ଗୀତ ଏକାଡମୀର ସଭ୍ୟ ଗୋପକୃଷ୍ଣ ନାୟକ, ଡ. ପ୍ରଭାତ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଅଭିନେତ୍ରୀ ପ୍ରଶ୍ମିକା ପଟ୍ଟନାୟକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ପର୍କ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଶ୍ରୀଜଗନ୍ନାଥ ସଂସ୍କୃତି ଅତି ପ୍ରାଚୀନ ଓ ସମୃଦ୍ଧ। ଏହି ସଂସ୍କୃତି ସହିତ ବହୁ କିମ୍ବଦନ୍ତୀ ସଂଯୋଜିତ। ଯାହାକି ଭକ୍ତର ମନକୁ ଶ୍ରୀଜଗନ୍ନାଥ ପ୍ରତି ଆକୃଷ୍ଟ କରିଥାଏ। ରାଜା ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ ଏକ ଭାବୋଦ୍ଦୀପକ ଐତିହାସିକ ଭିତ୍ତି ସମ୍ବଳିତ ଅବିସ୍ମରଣୀୟ। 'ଭାବବିନୋଦିଆ କଳାଠାକୁର' ଶ୍ରୀ ପୁରୁଷୋତ୍ତମ ଦେବଙ୍କ ଦୃଢ ଭକ୍ତିରେ ମାଣିକ ଗଉଡୁଣୀର ମାତୃସ୍ନେହରେ ଆଉ କାଞ୍ଚି ରାଜ୍ୟର ରାଜକୁମାରୀ ରୂପାମ୍ବିକାଙ୍କ ଅନାବିଳ ପ୍ରେମରେ ବନ୍ଧା ହୋଇ ସୈନିକ ବେଶରେ କାଞ୍ଚି ରାଜ୍ୟକୁ ଯୁଦ୍ଧଯାତ୍ରା କରି କିପରି ନିଜ ଭାବ ବିନୋଦିଆ କଳାଠାକୁର ନାମକୁ ସାର୍ଥକ କରିଛି ତାହା ହିଁ ଏହି ନାଟକର ବିଷୟବସ୍ତୁ। ନାଟକରେ ଶକ୍ତିପ୍ରସାଦ ମିଶ୍ର ସଙ୍ଗୀତ ଦେଇଥିବା ବେଳେ ରାକେଶ ଶତପଥୀ ଆଲୋକ ସଜ୍ଜା କରିଛନ୍ତି। ପ୍ରଳୟ ଶତପଥୀ ମଞ୍ଚ ସଜ୍ଜା କରିଥିବାବେଳେ ବିଶ୍ୱଜିତ ଦାଶ ଶବ୍ଦ ସଂଯୋଜନା କରିଥିଲେ। ଭୁବନେଶ୍ୱର ମାମା ଚିତ୍ରାଳୟ ଦ୍ୱାରା ରୂପସଜ୍ଜାରେ ସୁରେନ୍ଦ୍ର ପାଢୀ, ନୃସିଂହ ମହାନ୍ତି, ସୁଦେଷ୍ଣାରାଣୀ ରାଉତ, ପ୍ରଳୟ ଶତପଥୀ, ତ୍ରିନାଥ ନାରାୟଣ ମିଶ୍ର, ମୁରଲିଧର ଦାଶ, ବିଶ୍ୱଜିତ ଦାଶ, ସସ୍ମିତା ବେକ୍, ପୁଷ୍ପା ବିଶୋଇ, ବିବେକାନନ୍ଦ ଦାଶ, ଭାଗ୍ୟଧର ଜେନା, ରୀତିକା ରାୟ, ସିଦ୍ଧିଶ୍ରୀ, ସାଇଶୁଭମ୍ ମହାପାତ୍ର, ଗ୍ରୀଷ୍ମା ବିଶୋଇ, ସ୍ୱନ୍ଦିତା ଖୁଣ୍ଟିଆ, ଅଶୋକ ବଳ ଓ ସ୍ମାରକ ବାରିକ ପ୍ରମୁଖ ଅଭିନୟ କରିଥିଲେ। ଅନୀଲ ମଲ୍ଲିକ ଓ ସୁଜାତା ମହାପାତ୍ର ମଞ୍ଚ ପରିଚାଳନା ଏବଂ ବରିଷ୍ଠ ସଦସ୍ୟ ସଞ୍ଜୀବ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ସୋମବାର କଲିକତାର ପ୍ରସିଦ୍ଧ ନାଟ୍ୟାନୁଷ୍ଠାନ ଇପ୍‌ଟା ପକ୍ଷରୁ ମହାଭାରତ ଆଧାରିତ ନାଟକ କ୍ରିଷ୍ଣା ମଞ୍ଚସ୍ଥ ହେବ ବୋଲି ଜଣାପଡିଛି।

# ହୋଲି ପାଇଁ ସଜାଗ ପ୍ରଶାସନ

ରାଉରକେଲା,୨୪।୩(ସଙ୍ଗୀତା ଜେନା)


ସୁମନ ଦତ୍ତ


ଶ୍ରୀନିବାସ ଦାସ

ଆଗକୁ ରଙ୍ଗର ପର୍ବ ହୋଲି ଉତ୍ସବ ପାଳନ ହେବାକୁ ଯାଉଛି। ଏହି ସମୟରେ ରଙ୍ଗ ଖେଳି ଜଳାଶୟରେ ଗାଧୋଇବା ଏବଂ ଅସାବଧାନତା ଯୋଗୁ ପ୍ରାଣ ହରାଇବା ଆଶଙ୍କା ରହିଥାଏ। ତେଣୁ ହୋଲି ଉତ୍ସବକୁ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ପାଳନ କରିବାକୁ ରାଉରକେଲା ପୋଲିସ ଜିଲା ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଇଛି।

ସୂଚନା ଅନୁସାରେ, ୯୦ ଦଶକରେ ଝିରପାଣି ଥାନା ଅଞ୍ଚଳରେ ସେକ୍ଟର-୨ର ଜଣେ ଯୁବକ ହୋଲି ଖେଳି ଗାଧୋଇବାକୁ ଯାଇ ମୃତ୍ୟୁବରଣ କରିଥିଲେ। ସେହିପରି ଚଳିତ ମାସ ପିକ୍‌ନିକ୍ କରିବାକୁ ଯାଇ ବନ୍ଧମୁଣ୍ଡା ଅଞ୍ଚଳର ୨ଜଣ ଆଇଟିଆଇ ଛାତ୍ର କୋଏଲ ନଦୀରେ ବୁଡ଼ି ପ୍ରାଣ ହରାଇଥିଲେ। ଅନ୍ୟ ଏକ ଘଟଣାକ୍ରମରେ ଜମସେରା ପଞ୍ଚାୟତର ଜଣେ ଟ୍ରାକ୍ଟର ଚାଳକ କୋଏଲ ନଦୀରେ ବୁଡ଼ି ମୃତ୍ୟୁବରଣ କରିଥିଲେ। ତେବେ ଅଧିକାଂଶ ମାମଲାରେ ନିଶାଗ୍ରସ୍ତ ହୋଇ ପାଣିରେ ବୁଡ଼ି ମୃତ୍ୟୁ ହେଉଥିବା ଆଲୋଚନା ହେଉଛି।

୨୦୨୩ରେ ରାଉରକେଲାର ବିଭିନ୍ନ ଅଞ୍ଚଳରେ ଥିବା ନଦୀ, ଖାଦାନ ଆଦି ଜଳାଶୟରେ ବୁଡ଼ି ୬୩ଜଣ ପ୍ରାଣ ହରାଇଥିବା ଜଣାପଡ଼ିଛି। ପ୍ରାକ୍ତନ ପୋଲିସ ଅଧିକାରୀ ସୁମନ ଦତ୍ତଙ୍କ ସୂଚନା ଅନୁଯାୟୀ, ପାଣିରେ ବୁଡ଼ି ମୃତ୍ୟୁସଂଖ୍ୟା ବୃଦ୍ଧି ପାଇଛି। ବିଗତ ବର୍ଷମାନଙ୍କରେ ହୋଇଥିବା ମାମଲାକୁ ଅନୁଧ୍ୟାନ କଲେ ଜଣାଯାଏ, କିଛି ଘଟଣା ନଦୀରେ ଦୁର୍ଘଟଣାଜନିତ ମୃତ୍ୟୁ ହୋଇଥିବା ବେଳେ ଅଧିକାଂଶ ନିଶା ଯୋଗୁ ହୋଇଛି। ହୋଲି ହେଉ ଅବା ଅନ୍ୟ ସମୟରେ ନିଶାସେବନ କରି ଜଳାଶୟରେ ଗାଧୋଇବା ଅନୁଚିତ। ନିଶା ଯୋଗୁ ପାଣିରେ ବୁଡ଼ିବା ସମ୍ଭାବନା ଅଧିକ ଥାଏ ବୋଲି ଦତ୍ତ ମତବ୍ୟକ୍ତ କରିଥିଲେ। ସେହିପରି ପ୍ରାକ୍ତନ ପୋଲିସ ଅଧିକାରୀ ଶ୍ରୀନିବାସ ଦାସଙ୍କ କହିବା ଅନୁସାରେ, କୋଏଲ ନଦୀରେ ବୁଡ଼ିବା ମାମଲା ଅଧିକ ହେଉଛି। ସେ ରଘୁନାଥପାଲୀ ଥାନାରେ କାର୍ଯ୍ୟରତ ସମୟରେ ତର୍କେରା ପମ୍ପ ହାଉସରେ ଏକକାଳୀନ ୪ଜଣ ଯୁବକ ପାଣିରେ ବୁଡ଼ିଯାଇଥିଲେ। ପରେ ସେମାନଙ୍କ ମୃତଦେହ ନଦୀରୁ ଉଦ୍ଧାର କରାଯାଇଥିଲା। ସେହିପରି ରାଉରକେଲା ଶିଳ୍ପାଞ୍ଚଳର କିଛି ଛାତ୍ର ନଦୀରେ ବୁଡ଼ି ପ୍ରାଣ ହରାଇଥିଲେ। ହୋଲି ସମୟରେ ଏପରି ଦୁର୍ଘଟଣା କମ୍ ଥିବାବେଳେ ଅନ୍ୟ ସମୟରେ ନିଶା ଖାଇ ଯୁବକମାନେ ଗାଧୋଇବାକୁ ଯାଇ ପାଣିରେ ବୁଡି ମୃତ୍ୟୁବରଣ କରୁଛନ୍ତି। ତେଣୁ ଏସବୁ ପ୍ରତି ସଜାଗ ହେବା ଆବଶ୍ୟକ ରହିଛି ବୋଲି ଦାସ କହିଥିଲେ। ଅନ୍ୟପକ୍ଷେ ଆସନ୍ତା ମଙ୍ଗଳବାର କୋଏଲ ନଦୀ ସମେତ ପାନପୋଷ ଘାଟରେ ଅଗ୍ନିଶମ ଟିମ୍ ମୁତୟନ କରାଯାଇଥିବା ରାଉରକେଲା ଅଗ୍ନିଶମ ଏଏଫ୍‌ଓ ସଂଗ୍ରାମ ହାଁସଦା ସୂଚନା ପ୍ରଦାନ କରିଛନ୍ତି।

## ଏମ୍‌ଟିଏଙ୍କ ଜୀବନସାଥୀଙ୍କ କାରଖାନା ଗସ୍ତ


କାରଖାନା ପରିସରରେ ଏମ୍‌ଟିଏଙ୍କ ଜୀବନସାଥୀ।

ରାଉରକେଲା,୨୪।୩(ବିପ୍ଳବ ରଞ୍ଜନ ଦାଶ)

ମାନବ ସମ୍ବଳ ପ୍ରୟାସର ଅଂଶସ୍ୱରୂପ ଆରଏସ୍‌ପି ଦ୍ୱାରା କର୍ମଚାରୀମାନଙ୍କ ଜୀବନ ସାଥୀଙ୍କ ପାଇଁ ଏକ ପ୍ରଗତିରେ ସାଥୀ କାରଖାନା ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରଭାବଶାଳୀ ପ୍ରଗତିର ସହଯାତ୍ରୀ ହେବା ପାଇଁ କାରଖାନାର କାର୍ଯ୍ୟଧାରା ଓ କାର୍ଯ୍ୟ ନିୟମାବଳୀ ବିଷୟରେ ସେମାନଙ୍କୁ ସଚେତନ କରାଇବା ଏହିଗସ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ। କାର୍ଯ୍ୟକ୍ରମରେ ଆଇନ ଏବଂ ବିତ୍ତ ବିଭାଗର ୧୯୯୫ ଏମ୍‌ଟିଏ ବ୍ୟାଚ୍‌ର ୧୦ଜଣ ଅଧିକାରୀଙ୍କ ସହଧର୍ମିଣୀଙ୍କୁ ଷ୍ଟିଲ ମେଲ୍ଟିଂ ଶପ-୨, ବ୍ଲାଷ୍ଟ ଫର୍ଣ୍ଣେସ-୫ ଓ ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗ ଗସ୍ତରେ ନିଆଯାଇଥିଲା। ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିତ୍ତ ଏବଂ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ, ସହର ପ୍ରଶାସନ ଏବଂ କାର୍ମିକ ବିଭାଗର ଜିଏମ୍ ଇନଚାର୍ଜ ପି. କେ. ଦାସ, କାର୍ମିକ ବିଭାଗର ଜିଏମ ଡକ୍ଟର ପି. କେ. ସାହୁ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଭ୍ରମଣକାରୀ ଅତିଥିମାନଙ୍କ ସହିତ ମତବିନିମୟ କରିଥିଲେ। ଓରିଏଣ୍ଟେଶନ କାର୍ଯ୍ୟକ୍ରମରେ ପରିଦର୍ଶକମାନଙ୍କୁ କାରଖାନା ସାମଗ୍ରିକ ଚିତ୍ର ଏବଂ ସୁରକ୍ଷା ଉପରେ ଭିଡିଓ ଦେଖାଯାଇଥିଲା। ମତବିନିମୟ ଅଧିବେଶନ ଅବସରରେ ବରିଷ୍ଠ ଅଧିକାରୀମାନେ ପରିଦର୍ଶକମାନଙ୍କୁ ସେମାନଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇବା ସହ କାରଖାନାର ପ୍ରମୁଖ ଅଂଶୀଦାର ଭାବେ ବର୍ଣ୍ଣନା କରିଥିଲେ। ସେମାନଙ୍କ ଜୀବନସାଥୀଙ୍କୁ ସୁରକ୍ଷା ନିୟମ ଏବଂ ମାନକର ଅନୁପାଳନ ଲାଗି ଉତ୍ସାହିତ କରିବାକୁ ବରିଷ୍ଠ ଅଧିକାରୀମାନେ ସେମାନଙ୍କୁ ଅନୁରୋଧ କରିଥିଲେ। ଏହି ପରିଦର୍ଶନ ସମୟରେ କଞ୍ଚାମାଲଠାରୁ ଆରମ୍ଭ କରି ଚୂଡାନ୍ତ ସାମଗ୍ରୀ ତିଆରି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଇସ୍ପାତ ଉତ୍ପାଦନ ପ୍ରକ୍ରିୟା ବିଷୟରେ ସୂଚନା ଦିଆଯାଇଥିଲା। କାର୍ମିକ ବିଭାଗର ଡେପୁଟି ମ୍ୟାନେଜର ସୁଶ୍ରୀ ଶୁଭ୍ରା ରାଜେଶ୍ୱରୀଙ୍କ ସମେତ କାର୍ମିକ ସାଧାରଣ ଟିମ୍ ଏହି ଗସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବାଇକ୍ ଉପରେ ଚଢ଼ିଗଲା ସ୍କର୍ପିଓ

ରାଉରକେଲା,୨୪।୩(ସଙ୍ଗୀତା ଜେନା)

ସେକ୍ଟର-୧୯ ଥାନା ଅନ୍ତର୍ଗତ ଆମ୍ବାଗାନ ଛକରେ ସ୍କର୍ପିଓ ଓ ବାଇକ ମଧ୍ୟରେ ଦୁର୍ଘଟଣା ହୋଇଛି। ଦୁର୍ଘଟଣାରେ ସ୍କର୍ପିଓ (ନଂ.ଓଡ଼ି୧୪ଏସି/୪୮୨୧) ସମ୍ପୂର୍ଣ୍ଣ ଭାବେ ବାଇକ (ନଂ.ଓଡ଼ି୧୪ଭି/୯୧୪୬) ଉପରେ ଚଢ଼ିଯାଇଥିଲା। ସୌଭାଗ୍ୟ ବଶତଃ ବାଇକ ଚାଳକ ଛିଟିକି ପଡ଼ି ଆସନ୍ନ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ। ବାଇକ ଚାଳକ ଜଣେ ବରିଷ୍ଠ ନାଗରିକ ବୋଲି ଜଣାପଡ଼ିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ଟି ଗାଡ଼ିକୁ ଜବତ କରିଛି। ଏ ନେଇ ସନ୍ଧ୍ୟା ସୁଦ୍ଧା କୌଣସି ଏତଲା ହୋଇ ନ ଥିବା ଜଣାପଡ଼ିଛି।

## ବିଦେଶୀ ମଦ ଜବତ, ୨ ଗିରଫ

ରାଉରକେଲା,୨୪।୩(ସଙ୍ଗୀତା ଜେନା)

ନିର୍ବାଚନ ପୂର୍ବରୁ ବିଭିନ୍ନ ଥାନା ଅଞ୍ଚଳରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଛି। ସେକ୍ଟର-୧୫ ଥାନା ଲୁଆକେରା ଅଞ୍ଚଳରେ ରବିବାର ପୋଲିସ ଚଢ଼ାଉ କରାଯାଇଥିଲା। ଏଥିରେ ୪୫ ଲିଟର ବିଦେଶୀ ମଦ ଜବତ ହୋଇଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ମିଟୁ କଂସାରୀ ଓ ବିଶ୍ୱ କଂସାରୀଙ୍କୁ ଗିରଫ କରାଯାଇଛି। ପୋଲିସ ମାମଲା ପୃଥକ୍ ୨ଟି ମାମଲା (ନଂ. ୪୪/୨୪ ଓ ନଂ.୪୫/୨୪) ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରିଥିବା ଥାନାଧିକାରୀ ଶ୍ରୀକାନ୍ତ ଖମାରୀ କହିଛନ୍ତି।

# ସମାଜରେ ପ୍ରଭାବ ପକାଇବ ଦି ଲାଇଟ୍

### ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଖବରଦାତା ସମ୍ମିଳନୀ

ରାଉରକେଲା,୨୪।୩( ଦିନେଶ ମିଶ୍ର)


ଖବରଦାତା ସମ୍ମିଳନୀରେ ଉପସ୍ଥିତ ବ୍ରହ୍ମ କୁମାରୀ ଓ ବ୍ରହ୍ମକୁମାର।

ରାଉରକେଲା ସିଭିଲଟାଉନଶିପ୍ ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ପରିଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ମଧୁସ୍ମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଆତ୍ମଜ୍ୟୋତିକୁ ପରମାତ୍ମାଜ୍ୟୋତି ସହିତ ସଂଯୋଗ ଆଧାରିତ ନୂତନ ଥ୍ରୀଡି ଆନିମେଶନ ଚଳଚ୍ଚିତ୍ର 'ଦ ଲାଇଟ' କିଭଳି ସମାଜରେ ପ୍ରଭାବ ପକାଇବ ସେ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅବଗତ କରାଯାଇଥିଲା। ବର୍ତ୍ତମାନ ସମାଜ କୁସଂସ୍କାର, ପାପ ଓ ବସ୍ତୁବାଦୀ ଲାଳସାରେ ପଡି ନିଜର ଅସ୍ତିତ୍ୱ, ପରମ୍ପରା ଓ ସଂସ୍କାର ଭୁଲି ଯାଉଛି। ଏହି ଚଳଚ୍ଚିତ୍ର ମଣିଷ ଭିତରେ ଥିବା ଆତ୍ମିକ ଚେତନାଶକ୍ତି ଓ ପରମାତ୍ମାଙ୍କ ଦିବ୍ୟବାଣୀ ସହ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ରହସ୍ୟ ଓ ଦାଦା ଲେଖରାଜ(ବ୍ରହ୍ମାବାବା)ଙ୍କ ଆଧ୍ୟାତ୍ମିକ ଜୀବନୀ ଉପରେ ଆଧାରିତ ହୋଇଛି ବୋଲି ବି. କେ. ମଧୁସ୍ମିତା ସୂଚନା ପ୍ରଦାନ କରିଥିଲେ। ଏହି ସମ୍ମିଳନୀରେ ବ୍ରହ୍ମକୁମାର ପ୍ରତାପ ଭାଇ, ବସନ୍ତ ଭାଇ, ସ୍ନେହା ଭଉଣୀ, ଅରୁଣ ଭାଇ ଓ ବି.କେ ଜି. ଆର ମୂର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି ରାଉରକେଲା ହକର୍ସ ଆସୋସିଏଶନର ଅଯୋଧ୍ୟା ଯାତ୍ରା

ରାଉରକେଲା,୨୪।୩
(ସଙ୍ଗୀତା ଜେନା)

ରାଉରକେଲା ହକର୍ସ ଆସୋସିଏାନ ପକ୍ଷରୁ ସୋମବାର ମଧ୍ୟାହ୍ନରେ ଅଯୋଧ୍ୟା ଅଭିମୁଖେ ଯାତ୍ରା କରାଯିବ ବୋଲି ସୂଚନା ମିଳିଛି। ଏଥିରେ ସଦସ୍ୟମାନେ ଅପରାହ୍ନ ୨ଟାରୁ ସେକ୍ଟର-୨ ବସ୍‌ଷ୍ଟାଣ୍ଡରୁ ବସ୍ ଯୋଗେ ଏହି ଯାତ୍ରା କରିବେ। ବନାରସ୍ କାଶୀ ବିଶ୍ୱନାଥ, ଅଯୋଧ୍ୟା ରାମମନ୍ଦିର ଓ ହନୁମାନ ଗଡ଼ି ଦର୍ଶନ ପରେ ସଂଘ ଚଳିତ ମାସ ୨୮ ତାରିଖରେ ରାଉରକେଲା ପ୍ରତ୍ୟାବର୍ତ୍ତନ କରିବ। ମିହିର ପାତ୍ର, କିଶୋର ରାଉତ, ଆର୍ତ୍ତତ୍ରାଣ ବେହେରା, ଅନିରୁଦ୍ଧ ଜେନା, ପୂର୍ଣ୍ଣଚନ୍ଦ୍ର ବେହେରା, ନିରଞ୍ଜନ ଦାସ, ଅଶୋକ ସାହୁ, ଶୁକେନ୍ଦ୍ର ପାତ୍ର, ମନୋଜ ପଟ୍ଟନାୟକ, ଅଶେଷ ବିଶ୍ୱାଳ, ଶରତ ପଣ୍ଡା, ନବୀନ ମାଝୀ, କେଶବ ଜେନା, ସମୀର ରାଜହଂସଙ୍କ ସମେତ ଅନ୍ୟମାନେ ଏହି ଯାତ୍ରାରେ ସାମିଲ ହେବେ। ସଂଘ ସଭାପତି ବିଷ୍ଣୁ ମହାନ୍ତି, ସାଧାରଣ ସମ୍ପାଦକ ବିମାନ ମାଇତିଙ୍କ ସମେତ ଧରିତ୍ରୀ ପରିବାର ଓ ଓଡ଼ିଶା ପୋଷ୍ଟ ପକ୍ଷରୁ ସେମାନଙ୍କୁ ଯାତ୍ରାର ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ମହିଳା ଦିବସରେ କବିତା ଆସର

ରାଉରକେଲା,୨୪।୩( ଦିନେଶ ମିଶ୍ର)

ଛେଣ୍ଡସ୍ଥିତ ମଧୁସୂଦନ ପାଠାଗାର ପରିସରରେ ରବିବାର ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ବସୁଧୈବ କୁଟୁମ୍ବକମ୍ ପକ୍ଷରୁ ବିଶ୍ୱ ମହିଳା ଦିବସ ସଭାପତି ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ବକ୍ତା ଭାବେ ମୀନତି ପଣ୍ଡା ଯୋଗଦେଇ ଆଜିର ସମାଜରେ ନାରୀର ଭୂମିକା ଉପରେ ଆଲୋଚନା କରିଥିଲେ ସବିତା ସାହୁ ଓ ତନୁଶ୍ରୀ ଜେନା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କବି ସୁଶାନ୍ତ ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରିମ୍ବର ଅଧ୍ୟକ୍ଷା ନଳିନୀପ୍ରଭା ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହରିହର ଶତପଥୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମଞ୍ଜୁଳା ରଥଙ୍କ ସଭାପତିତ୍ୱରେ କବିତା ଆସର ହୋଇଥିଲା। ଏଥିରେ ବହୁ କବି ଓ କବୟିତ୍ରୀ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ବିନିତା ମହାନ୍ତ, ସୂର୍ଯ୍ୟନାରାୟଣ ପଣ୍ଡା, ବ୍ରିଜକିଶୋର ପାଣି, ଅଜିତ ପୂଜାରୀ, ଅକ୍ଷୟ କୁମାର ଦାସ, ମାନସୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପାଠାଗାର ସଭାପତି ବିଜୟ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ଭାଷା କବିତ୍ୱକୁ ପ୍ରେରିତ କରେ

### ରଶ୍ମିପ୍ରଭାର ସପ୍ତମ ବାର୍ଷିକୋତ୍ସବ ପାଳିତ

ରାଉରକେଲା,୨୪।୩( ଦିନେଶ ମିଶ୍ର)


କାର୍ଯ୍ୟକ୍ରମରେ ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

ଗୋପବନ୍ଧୁ ପଲ୍ଲୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ପରିସରରେ ରଶ୍ମିପ୍ରଭାର ସପ୍ତମ ବାର୍ଷିକୋତ୍ସବ ସଭାପତି ରାଧାକାନ୍ତ ମହାରଣାଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଶିଷ୍ଟ ଶିଶୁ ସାହିତ୍ୟିକ ତ୍ରିଲୋଚନ ମଥାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାଷା ଓ ସରଳ ଭାବାର୍ଥ କବିର କବିତ୍ୱକୁ ପ୍ରେରିତ କରିଥାଏ ବୋଲି ମତପ୍ରକାଶ କରିଥିଲେ। ସମାଜସେବୀ ଶଶଧର ପଣ୍ଡା ଓ ସାହିତ୍ୟିକ ପ୍ରଶାନ୍ତ ପତି ସମ୍ମାନିତ ଅତିଥି, ଖବରଦାତା ସତ୍ୟାନନ୍ଦ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଦେଶ ଓ ସମାଜକୁ ବାନ୍ଧି ରଖିବାରେ ସାହିତ୍ୟ ଓ କବିତାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ। ଏହି ଅବସରରେ ତ୍ରୟମାସିକ ସାହିତ୍ୟ ପତ୍ରିକା ରଶ୍ମିପ୍ରଭା ଓ ମନୋଜ ନନ୍ଦଙ୍କ ରଚିତ ଦ୍ୱୈତବନର ଅକୁହା କଥା ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ତ୍ରିଲୋଚନ ମଥାନଙ୍କୁ ଶିଶୁ କବିତା ସାରସ୍ୱତ ସମ୍ମାନ ଏବଂ ରାଉରକେଲାର ସତ୍ୟବ୍ରତ ଦାସଙ୍କୁ ଶିଶୁ କଳ୍ପ ସ୍ୱାରସତ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପ୍ରତାପ ପଣ୍ଡାଙ୍କୁ କବିତା ସାରସ୍ୱତ ସମ୍ମାନ, ଅନୁଗୋଳ ଜିଲାର ଗୋଲାପ ନନ୍ଦ, ଅନୁପମା ପ୍ରଧାନ, ସମ୍ବଲପୁରର ସ୍ନିଗ୍ଧା ନାୟକ, ବାଲେଶ୍ୱରର ନରେନ୍ଦ୍ର ପ୍ରସାଦ ବେହେରା, ଜ୍ୟୋତ୍ସ୍ନାରାଣୀ ବେହେରା ଓ ଗଞ୍ଜାମ ମମତା କୁମାରୀ ସୁଆର, ପୂର୍ଣ୍ଣଚନ୍ଦ୍ର ମେହେର, ଲୋପାମୁଦ୍ରା ଜେନା, ବ୍ରହ୍ମାନନ୍ଦ ମହାନ୍ତିଙ୍କୁ ରଶ୍ମିପ୍ରଭା ସ୍ୱାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ରଶ୍ମି ପ୍ରକାଶନୀ ସମ୍ମାନରେ ମଞ୍ଜୁଳା କୁମାରୀ ରଥ ଓ ବ୍ରଜ ବିହାରୀ ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ସାଧାରଣ ସମ୍ପାଦକ ମନୋଜ କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ ଓ ଗୌତମ ଦାସ ମଞ୍ଚ ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନରେ କବି ରଶ୍ମିବାଳା ରାଉତରାୟଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ହୋଇଥିଲା। ଏହି ପାଠୋତ୍ସବରେ ୨୫ରୁ ଊର୍ଦ୍ଧ୍ୱ କବି ଯୋଗଦେଇ ସ୍ୱ ରଚିତ କବିତା ପାଠ କରିଥିଲେ। କବି ସୁଶାନ୍ତ କୁମାର ନାୟକ, ଗୋଲାପ ନନ୍ଦ, ଗୀତାରାଣୀ ବେହେରା ଓ ସୁମିତ୍ରା ମିଶ୍ର ପାଠୋତ୍ସବ ସଂଯୋଜନା କରିଥିଲେ। କବିତା ପାଠ ଉତ୍ସବରେ ହରମୋହନ ମିଶ୍ର, ମମତା ଜେନା, କବି ପ୍ରଫେସର ସୁବାଷ ଲେଙ୍କା, କିଶୋରୀ ମୋହନ କର, ବିକ୍ରମ ଆଚାର୍ଯ୍ୟ, କାର୍ତ୍ତିକ ଚନ୍ଦ୍ର ମିଶ୍ର, ବିଜୟ କୁମାର ସାହୁ, ପ୍ରତାପ ପଣ୍ଡାଙ୍କ ସହ ବହୁ କବି ଓ କବୟିତ୍ରୀ ଉପସ୍ଥିତ ଥିଲେ। ସହ ସମ୍ପାଦକ ଶ୍ୱେତ କୁମାର ବେହେରା, ପ୍ରକାଶ ସେଠୀ, ଅନାମିକା କେରକେଟ୍ଟା, ନୟନ କୁମାର ପତିଙ୍କ ସମେତ ବିଦ୍ୟାଳୟର ଅଧ୍ୟୟନରତ ଓ ପୂର୍ବତନ ବିଦ୍ୟାର୍ଥୀମାନେ ସହଯୋଗ କରିଥିଲେ। କବି ଉପେନ୍ଦ୍ର ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବାର୍ଷିକ ୨୦୦ ନିୟୁତ ଟନ୍ କୋଇଲା ଉତ୍ପାଦନ କରିବାରେ ଏମ୍‌ସିଏଲ୍ ଦେଶର ପ୍ରଥମ କମ୍ପାନୀ

ସମ୍ବଲପୁର,୨୪।୩
(ଭବାନୀ ଶଙ୍କର ଭୋଇ)

ଚଳିତ ଆର୍ଥିକ ବର୍ଷରେ ୨୦୦ ନିୟୁତ ଟନ୍ କୋଇଲା ଉତ୍ପାଦନ କରି ମହାନଦୀ କୋଇଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ) ଦେଶର ପ୍ରଥମ କମ୍ପାନୀ ହୋଇପାରିଛି। ଶନିବାର ରାତିରେ ଚଳିତ ବର୍ଷ ୨୦୦ ନିୟୁତ ଟନ୍ ଅତିକ୍ରମ କରିବା ଏମସିଏଲ ପାଇଁ ଗୌରବର ବିଷୟ ହୋଇପାରିଛି। ସୁନ୍ଦରଗଡ଼, ଝାରସୁଗୁଡା, ଅନୁଗୋଳ ଏବଂ ସମ୍ବଲପୁର ଜିଲାରେ କାର୍ଯ୍ୟ କରୁଥିବା ଏମ୍‌ସିଏଲ୍‌ର ପ୍ରତ୍ୟେକ ସଦସ୍ୟ ଏବଂ ସମ୍ପୃକ୍ତ ଏଜେନ୍ସିମାନଙ୍କୁ ଏମ୍‌ସିଏଲର ସିଏମ୍‌ଡି ଉଦୟ ଅନନ୍ତ କାଓଲେ ଅଭିନନ୍ଦନ ଜଣାଇଛନ୍ତି। ଏହି ରେକର୍ଡ କୋଇଲା ଉତ୍ପାଦନ ସଫଳତା ଖଣିରେ କାର୍ଯ୍ୟରତ କର୍ମଚାରୀମାନଙ୍କ ପାଇଁ ହୋଇପାରିଛି ବୋଲି କାଓଲେ କହିଛନ୍ତି। ୨୦୦ ନିୟୁତ ଟନ୍ କୋଇଲା ଉତ୍ପାଦନ ଏକ ବଡ଼ ସଫଳତା। ଏହି ଅନନ୍ୟ ସଫଳତା ହେଉଛି କଠିନ ପରିଶ୍ରମ, ଉତ୍ସର୍ଗୀକୃତ ଏବଂ ନିରନ୍ତର ଅନୁସରଣର ଫଳାଫଳ ବୋଲି ସେ କହିଛନ୍ତି । ଦେଶର ଶକ୍ତି ଆବଶ୍ୟକତାକୁ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ କୋଇଲା ସୁନିଶ୍ଚିତ କରିବା ପାଇଁ ଏମ୍‌ସିଏଲ୍ ଆଗାମୀ ଦିନରେ ମଧ୍ୟ ନିଜର ସର୍ବଶ୍ରେଷ୍ଠ ଉଦ୍ୟମ ଜାରି ରଖିବ ବୋଲି ସିଏମ୍‌ଡି କହିଛନ୍ତି। କୋଲଇଣ୍ଡିଆ ଲିମିଟେଡର ଏକ ଅଗ୍ରଣୀ ସହାୟକ କମ୍ପାନୀ ଭାବେ ଏମ୍‌ସିଏଲ ୨୦୦୯-୧୦ ଆର୍ଥିକ ବର୍ଷରେ ୧୦୦ ନିୟୁତ ଟନ୍ କୋଇଲା ଉତ୍ପାଦନ କରିଥିବାବେଳେ ୨୦୨୧-୨୨ ଆର୍ଥିକ ବର୍ଷରେ କମ୍ପାନୀ ପ୍ରଥମ ଥର ପାଇଁ ୧୫୦ ନିୟୁତ ଟନ୍ ମାର୍କ ଅତିକ୍ରମ କରି ୧୬୮ ନିୟୁତ ଟନ୍ ଉତ୍ପାଦନ କରିପାରିଥିଲା। ଚଳିତବର୍ଷ ପୁଣି ୨୦୦ ନିୟୁତ ଟନ୍ କୋଇଲା ଉତ୍ପାଦନ କରି ନୂଆଁ ରେକର୍ଡ ସୃଷ୍ଟି କରିବା ସହ ଦେଶରେ ପ୍ରଥମ କମ୍ପାନୀ ହୋଇପାରିଥିବା ସିଏମଡି କହିଛନ୍ତି।

# ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଛାତ୍ରୀଛାତ୍ର

ସମ୍ବଲପୁର,୨୪।୩(ବି.ଶଙ୍କର)

- ସୁଇଟର ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ 'ଆବାହନ'
- ର୍‍ୟାମ୍ପ ଶୋ ଆକର୍ଷଣର କେନ୍ଦ୍ର ବିନ୍ଦୁ


ସୁଇଟର ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ ଆବାହନରେ ନୃତ୍ୟ ପରିବେଷଣ କରାଯାଉଛି।

ସମ୍ବଲପୁର ବିଶ୍ୱବିଦ୍ୟାଳୟ ସୂଚନା ପ୍ରଦ୍ୟୋଗିକ ସଂସ୍ଥାନ (ସୁଇଟ)ର ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ ଆବାହନ-୨୦୨୪ ଶନିବାର ରାତିରେ ଅନୁଷ୍ଠିତ ହୋଇଛି। ସୁଇଟ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଥିଲା। ଛାତ୍ର କଲ୍ୟାଣ ଡିନ ଡ. ସୁଦର୍ଶନ ଜେନା, ସାଂସ୍କୃତିକ କ୍ଲବ ଭାଇସ ପ୍ରେସିଡେଣ୍ଟ ଶିବାନୀ କର ଏବଂ ସହକାରୀ ଭାଇସ ପ୍ରେସିଡେଣ୍ଟ ଡ. ପ୍ରଣବ କୁମାର ମିଶ୍ର କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ। ପ୍ରଥମେ କମ୍ପ୍ୟୁଟର ବିଭାଗର ଶେଷ ବର୍ଷର ଛାତ୍ର ପ୍ରତ୍ୟୁଷ କରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରା ଯାଇଥିଲା। ଯାହାକି ଦର୍ଶକମାନଙ୍କୁ ଖୁବ ଆକର୍ଷିତ କରିଥିଲା। ଏଓଶ୍ରୀ ବେହେରା ଏବଂ ଅଭିଷେକ ପଣ୍ଡାଙ୍କ ସୁମଧୁର କଣ୍ଠରେ ପରିବେଷଣ କରାଯାଇଥିବା ଗୀତ ମଧ୍ୟ ଦର୍ଶକଙ୍କ ମନକୁ ବେଶ ଛୁଇଁଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ ହୋଇଥିବା ବିଭିନ୍ନ ଆକର୍ଷଣୀୟ ନୃତ୍ୟରେ ଦର୍ଶକମାନେ ଝୁମି ଉଠିଥିଲେ। ଏଥିସହିତ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକକ ଓ ଦଳଗତ ନୃତ୍ୟ, ର୍‍ୟାମ୍ପ ସୋ ପରିବେଷିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ବଲିଉଡ ଗୀତର ନୃତ୍ୟ ସମସ୍ତଙ୍କୁ ଝୁମାଇଥିଲା। ଏତଦ୍‌ବ୍ୟତୀତ ବିଭିନ୍ନ ସମ୍ବଲପୁରୀ ଗୀତ ଏବଂ ସମ୍ବଲପୁରୀ ନୃତ୍ୟ ପରିବେଶଷ କରି ଛାତ୍ରୀଛାତ୍ର ଉପସ୍ଥିତ ଦର୍ଶକଙ୍କୁ ନଚାଇ ଦେଇଥିଲେ। ଡିଜେ ନାଇଟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ଡିଜେର ତାଳେ ତାଳେ ଉପସ୍ଥିତ ଥିବା ସମସ୍ତ ଦର୍ଶକ ମଧ୍ୟ ତାଳ ସହ ତାଳ ମିଶାଇ ଝୁମି ଯାଇଥିଲ। ସୁଇଟର ସୁସଜ୍ଜିତ ପରିବେଶ ମଧ୍ୟ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। କାର୍ଯ୍ୟକ୍ରମ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଫାଣ୍ଡି ଅଧିକାରୀ ଏସ୍‌ଆଇ ଚକାମନ ରଣାଙ୍କ ନେତୃତ୍ୱରେ ପୋଲିସ ଟିମ୍ ମୁତୟନ ରହି ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖିଥିଲେ। ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

### ଭାଜପା ଯୁବମୋର୍ଚ୍ଚା ସାଙ୍ଗଠନିକ ବୈଠକ

ସମ୍ବଲପୁର,୨୪।୩
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଜୁମୁରା ବ୍ଲକ ଲିପିଣ୍ଡା ପଞ୍ଚାୟତରେ ଭାଜପା ଯୁବମୋର୍ଚ୍ଚା ସାଙ୍ଗଠାନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୧୧ ପଞ୍ଚାୟତର ଶତାଧିକ ଯୁବସଦସ୍ୟ ଯୋଗଦେଇ ମୋଦୀଙ୍କ ସଙ୍କଳ୍ପ ଆଗକୁ ନେବା ପାଇ ନିଷ୍ପତ୍ତି ନିଆଯାଇଥିଲା। ଅଞ୍ଚଳରେ ମୋଦୀ ସରକାରଙ୍କ ଯୋଜନାଗୁଡିକରୁ କିଭଳି ହିତାଧିକାରୀ ଉପକୃତ ହେବେ ତାହା ଅବଗତ କରାଯାଇଥିଲା। ରାଜ୍ୟ ସରକାର ବିକାଶ ନାରେ ମିଛପ୍ରଚାର କରୁଥିବା ବୈଠକରେ ଅଭିଯୋଗ କରାଯାଇଥିଲା। ଯୁଜୁମୁରା ବ୍ଲକ ଯୁବମୋର୍ଚ୍ଚା ସଭାପତି ଅପୁ ପ୍ରଧାନଙ୍କ ସଭାପତିତ୍ୱରେ ଯୁବ ନେତା ଜୟନ୍ତ ପ୍ରଧାନ, ଜଲା ଯୁବ ମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝି, ମଣ୍ଡଳ ସଭାପତି ଓମପ୍ରକାଶ ବିଶ୍ୱାଳ, କୈଳାସ ବାଗ, ରାଜ୍ୟ ଯୁବ ମୋର୍ଚ୍ଚା ସମ୍ପାଦକ ଓମପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ହୀରାକୁଦରେ ତୁରନ୍ତ କେନ୍ଦ୍ରୀୟ ମେଡିକାଲ ଟିମ୍ ନିୟୋଜିତ କରାଯାଉ**

# କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅନୁରୋଧ କଲେ ଧର୍ମେନ୍ଦ୍ର

ସମ୍ବଲପୁର,୨୪।୩
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲାର ହୀରାକୁଦ ସମେତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଝାଡ଼ାବାନ୍ତି ସଂକ୍ରମଣକୁ ରୋକିବା ପାଇଁ ପ୍ରଭାବିତ ଅଞ୍ଚଳରେ ତୁରନ୍ତ କେନ୍ଦ୍ରୀୟ ମେଡିକାଲ ଟିମ୍ ନିୟୋଜିତ କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମନସୁଖ ମାଣ୍ଡଭୀୟଙ୍କୁ ଚିଠି ଜରିଆରେ ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ହୀରାକୁଦ ଅଞ୍ଚଳରେ ଝାଡ଼ାବାନ୍ତି ସଂକ୍ରମଣ ବୃଦ୍ଧି ପାଇବା କାରଣରୁ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ଦେଖାଦେବା ସହ ଝାଡ଼ାବାନ୍ତିକୁ ନିୟନ୍ତ୍ରଣ କରି ତୁରନ୍ତ ପ୍ରତିଷେଧକମୂଳକ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ ହୋଇପଡିଛି। ପାନୀୟ ଜଳ ସଂକ୍ରମଣ ହୋଇଥିବା କାରଣରୁ ଏହି ରୋଗ ବ୍ୟାପୁଥିବା ସନ୍ଦେହ କରାଯାଉଥିବାବେଳେ ନିମ୍ନମାନର ପାଣି ପାଇପ ଫାଟି ଏହି ରୋଗ ବ୍ୟାପୁଥିବା ନେଇ ଲୋକମାନେ ଅଭିଯୋଗ କରିଛନ୍ତି। ଏହି ଘଟଣା ଜନସାଧାରଣ ବିଶେଷ ଭାବରେ ଶିଶୁ ଓ ବୟସ୍କଙ୍କ ସ୍ୱାସ୍ଥ୍ୟସମସ୍ୟା ପ୍ରତି ବଡ ବିପଦ ଦେଖାଯାଇଛି। ତେଣୁ ଜନସାଧାରଣଙ୍କ ଜରୁରୀକାଳୀନ ମେଡିକାଲ ସହାୟତା ଯୋଗାଇଦେବା ପାଇଁ ପ୍ରଭାବିତ ଅଞ୍ଚଳରେ କେନ୍ଦ୍ରୀୟ ମେଡିକାଲ ଟିମ୍ ନିୟୋଜିତ କରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି କେନ୍ଦ୍ରମନ୍ତ୍ରୀ ପ୍ରଧାନ। ଆକ୍ରାନ୍ତଙ୍କୁ ଠିକ୍ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ ସମ୍ବଲପୁର ସିଡିଏମଓ ଡାକ୍ତର ସୁଜାତା ରାଣୀ ମିଶ୍ରଙ୍କ ସହ କଥା ହୋଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିବା ଭାଜପା କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ସୂଚନା ଦେଇଛନ୍ତି।

### ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ପଢ଼ିଆବାହାଲ, ୨୪।୩
(ରାଧାମୋହନ ଷଡ଼ଙ୍ଗୀ)

ଗତ ୨୨ ତାରିଖ ସନ୍ଧ୍ୟାରୁ ପଢ଼ିଆବାହାଲଠାରେ ଆରମ୍ଭ ହୋଇଥିବା ଅଷ୍ଟପ୍ରହରୀ ନାମଯଜ୍ଞ ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ସ୍ୱର୍ଗତ ଭୀଷ୍ମଦେବ ବଡ଼ପଣ୍ଡା ଓ ତାଙ୍କ ସ୍ତ୍ରୀ ସୁଧାମୟୀଙ୍କ ସ୍ମୃତିରେ ଅନୁଷ୍ଠିତ ଏହି ନାମଯଜ୍ଞରେ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ପୌରହିତ୍ୟରେ ରୁଦ୍ର ପ୍ରସନ୍ନ ଓ ମିନା ବଡ଼ପଣ୍ଡା, ଶକ୍ତିପ୍ରସନ୍ନ ଓ ପ୍ରିୟମ୍ବଦା ବଡ଼ପଣ୍ଡା, ଅକ୍ଷୟ ଓ ଜ୍ୟୋତିର୍ମୟୀ ନାୟକ, ଅଶୋକ ଓ ସଂଯୁକ୍ତା ପୂଜାରୀ, ଦିଲ୍ଲୀପ ଓ ମଧୁସ୍ମିତା ପଣ୍ଡା, ସୂର୍ଯ୍ୟନାରାୟଣ ଓ ଦୀପ୍ତିମୟୀ ମିଶ୍ର, ସନ୍ତୋଷ ଓ ବନ୍ଦନା ରାୟ, କୃଷ୍ଣଚନ୍ଦ୍ର ଓ ବନିତା ପ୍ରଧାନ, ସସ୍ମିତ ଓ ଶୁଭ୍ରଜିତା ପୁରୋହିତ, ଶର୍ମିଷ୍ଠା, ପ୍ରଗତି ସହକର୍ତ୍ତା ଭାବରେ ଅଖଣ୍ଡ ମହାମନ୍ତ୍ର କୀର୍ତ୍ତନରେ ଅଂଶଗ୍ରହଣ କରିଥିଲେ। ୨୨ ସନ୍ଧ୍ୟାରେ ଅଧିବାସ ଓ କଳସ ବୁଡ଼ା କାର୍ଯ୍ୟକ୍ରମ ହୋଇଥିଲା। ମହନ୍ତ ମହାରାଜ କୃଷ୍ଣ ଗୋବିନ୍ଦ ଦାଶ ପ୍ରଭୁ ଶ୍ରୀରାମଚନ୍ଦ୍ର ଏବଂ ଶ୍ରୀକୃଷ୍ଣଙ୍କ ଜୀବନୀରୁ ସତସଙ୍ଗ ପାରାୟଣ କରିଥିଲେ। ବଡଡୁରାଙ୍ଗ, କବରାପାଲିର ଦୁଇଟି ଦଳ, ରେମଣ୍ଡା, ଲହଣ୍ଡା, ପଧାନପାଲି ଓ ପଡିଆବାହାଲ ପ୍ରମୁଖ କୀର୍ତ୍ତନ ଦଳ ଅଖଣ୍ଡ ମହାମନ୍ତ୍ର କୀର୍ତ୍ତନ କରିଥିଲେ। ଅଷ୍ଟପ୍ରହର କୀର୍ତ୍ତନ ପରେ ବିଧି ଅନୁସାରେ ସମାପନ କରି ବୈଠକି କୀର୍ତ୍ତନ ଶ୍ରଦ୍ଧାଳୁଙ୍କୁ ଆଧାତ୍ମିକ ପରିବେଶରେ ବାନ୍ଧି ରଖିଥିଲା।

### ଶତାୟୁ ମହିଳାଙ୍କ ପରଲୋକ

ସମ୍ବଲପୁର,୨୪।୩ (ଭବାନୀ ଶଙ୍କର ଭୋଇ)

ସ୍ଥାନୀୟ ମହାନ୍ତିପଡା ନିବାସୀ ସ୍ୱର୍ଗତ ବ୍ରଜକିଶୋର ମିଶ୍ରଙ୍କ ସ୍ତ୍ରୀ ରାଧିକା ମିଶ୍ରଙ୍କ ରବିବାର ପୂର୍ବାହ୍ନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୧୦୫ ବର୍ଷ ବୟସ ହୋଇଥିଲା। ବିଗତ ଦୁଇମାସ ହେବ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ । ତାଙ୍କ ଚାରିପୁଅ ଏବଂ ତିନି ଝିଅଙ୍କ ମଧ୍ୟରୁ ଦୁଇ ପୁଅ ସତ୍ୟନାରାୟଣ ମିଶ୍ର ଏବଂ ବାସୁଦେବ ମିଶ୍ରଙ୍କ ପୂର୍ବରୁ ପରଲୋକ ହୋଇସାରିଛି। ସ୍ଥାନୀୟ ରାଜଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ଜୟନାରାୟଣ ମିଶ୍ର ମୁଖାଗ୍ନି ଦେଇଥିଲେ। ଏହି ଅବସରରେ ପ୍ରଫେସର ରବି ନାରାୟଣ ମିଶ୍ର ଉପସ୍ଥିତ ରହିଥିଲେ।

# ବନବାସୀଙ୍କୁ ବିକଶିତ କରିବାକୁ ପଡ଼ିବ

**ବନବାସୀ କଲ୍ୟାଣ ଆଶ୍ରମ ସମ୍ବଲପୁର ନଗର କମିଟି ଗଠିତ**

ସମ୍ବଲପୁର, ୨୪।୩(ବି.ଶଙ୍କର)


ବନବାସୀ କଲ୍ୟାଣ ଆଶ୍ରମର ରାଜ୍ୟ ସଭାପତି ଡାକ୍ତର ପୁରୁଷୋତ୍ତମ ଅଗ୍ରୱାଲ ବୈଠକରେ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ନଗରଗୁଡିକରେ କଲ୍ୟାଣ ଆଶ୍ରମ ବୈଚାରିକ ଆନ୍ଦୋଳନକୁ ଆଗେଇ ନେବା ସହ ବନବାସୀ ଏବଂ ନଗରବାସୀଙ୍କ ମଧ୍ୟରେ ଭାତୃତ୍ୱର ସମ୍ପର୍କ ସହ ପରସ୍ପରକୁ ସହଯୋଗ କରିବାର ଆବଶ୍ୟକତା ରହିଛି। ଏହି ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଶନିବାର ରାତିରେ ବନବାସୀ କଲ୍ୟାଣ ଆଶ୍ରମ ନଗର କମିଟି ଗଠିତ ହୋଇଯାଇଛି। ସ୍ଥାନୀୟ ସଞ୍ଜିବନୀ ହସ୍ପିଟାଲ ପରିସରରେ ବନବାସୀ କଲ୍ୟାଣ ଆଶ୍ରମର ରାଜ୍ୟ ସଭାପତି ଡାକ୍ତର ପୁରୁଷୋତ୍ତମ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବନବାସୀ କଲ୍ୟାଣ ଆଶ୍ରମ ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟ ସଭାପତି ଡାକ୍ତର ପୁରୁଷୋତ୍ତମ କହିଥିଲେ ଯେ, ନଗରବାସୀଙ୍କୁ ବନବାସୀଙ୍କ ସହ ମିଶିବାକୁ ପଡିବ। ଯାହାଙ୍କର ଶିକ୍ଷା, ସଂସ୍କାର, କୌଶଳ ବିକାଶ, ଭାଷା ଓ ସଂସ୍କୃତି ସୁରକ୍ଷା, ଖେଳକୁଦ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ପଡିବ। ଆମ ସହର, ଜିଲା ଓ ରାଜ୍ୟକୁ ସୁରକ୍ଷିତ ରଖିବା ପାଇଁ ବନବାସୀଙ୍କୁ ବିକଶିତ କରିବାକୁ ପଡିବ। ଅନ୍ୟଥା ମାଓବାଦ ମୁଣ୍ଡ ଟେକିବ। କାର୍ଯ୍ୟକ୍ରମରେ ପୃଷ୍ଟପୋଷକ ତଥା ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅର୍କ କୁମାର ଦାଶମହାପାତ୍ର ଯୋଗ ଦେଇ ଜନଜାତି କ୍ଷେତ୍ରରେ ଶିକ୍ଷା ବିକାଶ କାର୍ଯ୍ୟରେ କଲ୍ୟାଣ ଆଶ୍ରମର ଭୂମିକା ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ଏକ ନୂତନ କମିଟି ଗଠିତ ହୋଇଥିଲା। ଏଥିରେ ସଭାପତି ଭାବେ ଡାକ୍ତର ଅମୂଲ୍ୟ ବେହେରା, ଉପସଭାପତି ନରେଶ ବର୍ମା, ସାଧାରଣ ସମ୍ପାଦକ ମାନସ ଶତପଥୀ, ସାଧାରଣ ସମ୍ପାଦକ ଡ. ଅମିତ ଡାଲମିଆ ଏବଂ ରବି ଲୋହିଆ, କୋଷାଧ୍ୟକ୍ଷ ଭାବେ ଅଶୋକ ଅଗ୍ରୱାଲ ରହିଥିବା ବେଳେ କମିଟିରେ କାର୍ଯ୍ୟକାରୀ ସଦସ୍ୟ ଭାବେ ପ୍ରଫୁଲ୍ଲ ବେହେରା, ସୁବେଶ ମୁଣ୍ଡା, ବିପିନ ଅଗ୍ରୱାଲ, ଅଶୋକ ପଣ୍ଡା, ଶଙ୍କର ଅଗ୍ରୱାଲ, ରବି ନାରାୟଣ ଦାସ, ସୁବୋଧ ସିଂହ ଏବଂ ଅନ୍ନପୂର୍ଣ୍ଣା ବାରିକ ରହିଛନ୍ତି।

# କେଜ୍‌ରିୱାଲଙ୍କ ଗିରଫଦାରୀ ଅଗଣତାନ୍ତ୍ରିକ: ଆପ୍

ସମ୍ବଲପୁର,୨୪।୩(ପ୍ରମୋଦ ବହିଦାର)



ଖବରଦାତା ସମ୍ମିଳନୀରେ ଆପ୍ କର୍ମକର୍ତ୍ତା ।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି(ଆପ୍)ର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜ୍‌ରିୱାଲଙ୍କ ଗିରଫଦାରୀ ଅଗଣତାନ୍ତ୍ରିକ ବୋଲି ଅଭିଯୋଗ କରିଛି ଦଳର ସମ୍ବଲପୁର ଶାଖା। ସମ୍ବଲପୁର ସାମ୍ବାଦିକ ଭବନରେ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦଳର ସମ୍ବଲପୁର ଜିଲା ଶାଖା ସଭାପତି ଲାଲମଣି ଲୁଗୁନ କହିଛନ୍ତି ଯେ ଯେଉଁ ଅର୍ଥ କେଳେଙ୍କାରୀ ମାମଲାରେ କେଜ୍‌ରିୱାଲଙ୍କୁ ଗିରଫ କରାଯାଇଛି ତାହାର ସତ୍ୟତା ନାହିଁ। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶରେ ଏସ୍‌ବିଆ ପକ୍ଷରୁ ସାର୍ବଜନୀନ ହୋଇଥିବା ଇଲୋକ୍ଟୋରାଲ ବଣ୍ଡର ତଥ୍ୟ ଅନୁସାରେ ଅଭିଯୋଗକାରୀ ଶତଥ ଚନ୍ଦ୍ର ରେଡ୍ଡିଙ୍କ ବିଭିନ୍ନ କମ୍ପାନୀରୁ ଭାଜପା ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ପ୍ରାୟ ୬୦ କୋଟି ଟଙ୍କା ନେଇଛି। ମାତ୍ର ତଦନ୍ତକାରୀ ସଂସ୍ଥା ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରି ଜେରା କରିବା ସମୟରେ ସେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲଙ୍କ ନାମ ନେଇଥିବାରୁ କେବଳ ତାଙ୍କ ବୟାନ ଅନୁସାରେ ହିଁ ତାଙ୍କୁ ଗିରଫ କରାଯାଇଛି। ଅପରପକ୍ଷରେ ଶତଥ ଚନ୍ଦ୍ର ରେଡ୍ଡିଙ୍କୁ ଉକ୍ତ ମାମଲାର ରାଜସାକ୍ଷୀ କରାଯାଇ ଜାମିନ ପ୍ରଦାନ କରାଯାଇଥିଲା। ସେ ଜେଲରୁ ବାହାରିଲା ପରେ ମାମଲାରୁ ତାଙ୍କୁ ସୁରକ୍ଷିତ ରଖିବା ପାଇଁ ରେଡ୍ଡି ଭାଜପାକୁ ଉକ୍ତ ଅର୍ଥ ଦେଇଛନ୍ତି। ତେଣୁ ଉକ୍ତ ଅର୍ଥ ଗ୍ରହଣ କରିବା ଓ ଏଏପି ମୁଖ୍ୟଙ୍କ ବିରୋଧ ମିଥ୍ୟା ଅଭିଯୋଗ କରିଥିବାରୁ ଭାଜପା ବିରୋଧରେ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି। ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ଭୁପେନ ସାହୁ, ଗୋପବନ୍ଧୁ ଜଗଦଳ, ବୀର କିଶୋର ଭୋସାଗର, ଲୁଲୁ ନାଏକ, ଜୟକୃଷ୍ଣ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ: ସୁନାଖାନ ଚାମ୍ପିୟନ


କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

କୁଚିଣ୍ଡା,୨୪।୩(ବିରଞ୍ଚି ଦର୍ଵା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁନ୍ତରା ପଞ୍ଚାୟତର ବଗାଡିହିଠାରେ ଭୂୟାଁ ସମାଜ ପକ୍ଷରୁ ତ୍ରିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ସମ୍ବଲପୁର ଜିଲାର ଖଣ୍ଡୁଲାବାହାଲ ଓ ସୁନ୍ଦରଗଡ଼ ଜିଲାର ସୁନାଖାନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନାଖାନ ଚାମ୍ପିୟନ ହୋଇଥିଲା। ଆଲୋକ ନାଏକ ଓ ଜଙ୍ଘା ବାବୁ ଏଥିରେ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ବିଧାୟକ ରବିନାରାୟଣ ନାଏକ ମୁଖ୍ୟ ଅତିଥି, ଭୂୟାଁ ସମାଜର ଶ୍ୟାମସୁନ୍ଦର ବେହେରା, ନୀଳାଦ୍ରୀ ନାଏକ, ନକୁଳ ନାଏକ, ସନ୍ତୋଷ ଦଣ୍ଡପାଟ, ପ୍ରତାପ ନାଏକ, ସାଧୁଚରଣ ନାଏକ, ରାଜିନ୍ଦ୍ର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କ୍ରିକେଟ ଟୁର୍ନାମେଣ୍ଟ ଦ୍ୱାରା ବିଭିନ୍ନ ଜିଲାରୁ ଆସିଥିବା ଟିମ୍‌ମାନଙ୍କ ମଧ୍ୟରେ ସମ୍ପର୍କ ଯୋଡିହୋଇ ଭୂୟାଁ ସମାଜ ପ୍ରତି ଯୁବକମାନଙ୍କ ଆଗ୍ରହ ବଢିବ ବୋଲି ଅତିଥିଗଣ କହିଥିଲେ। ପରେ ଚାମ୍ପିୟନ ଓ ରନର୍ସଅଫ ଟିମ୍, ଆଲୋକ ନାଏକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ଜଙ୍ଘା ବାବୁଙ୍କୁ ମ୍ୟାନ ଅଫ୍ ଦି ସିରିଜ ପାଇଁ ପୁରସ୍କୃତ କରାଯାଇଥିଲା। ଟୁର୍ନାମେଣ୍ଟ ପରିଚାଳନାରେ ବଗାଡିହି ଭୂୟାଁ ସମାଜର ବିପିନ, କିଶୋର, ଭିପି, ବାବୁଲୁ, ନଟଙ୍କ ସମେତ ଭୂୟାଁ ସମାଜର ସମସ୍ତେ ସହଯୋଗ କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ସମ୍ବଲପୁର,୨୪।୩ (ବି.ଶଙ୍କର)

ପଶ୍ଚିମ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ତଥା ଖବରଦାତା ନୃସିଂହ ଗୁରୁଙ୍କ ୧୨୨ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ସକାଳ ୯ଟାରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମନ୍ଦଲିଆ ମୁହାଣରେ ଥିବା ନୃସିଂହ ଗୁରୁ ପାର୍କସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରୁ ଜନସାଧାରଣ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଜୟଗାନ କରିଥିଲେ। ସମ୍ବଲପୁରର ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା, ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ଭାଜପା ଜିଲା ସଭାପତି ଗିରିଶ ପଟେଲ, ସଂସ୍କୃତି ଗବେଷକ ଡ.ଶ୍ୟାମ ସୁନ୍ଦର ଧର, ହେମନ୍ତ କୁମାର ମହାପାତ୍ର, ପ୍ରଫୁଲ୍ଲ କୁମାର ହୋତା, ବଂଶୀଧର କର, ଚାଷୀ ନେତା ଶଶୀଭୂଷଣ ତ୍ରିପାଠୀ, ରତ୍ନଭୂଷଣ ପୃଷେଠ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମେଶ୍ୱର ପାଢ଼ୀ, ରାଜେନ୍ଦ୍ର ସତନାମୀ, ସୁନୀଲ ସାଗର, ସଚ୍ଚିଦାନନ୍ଦ ପ୍ରଧାନ, ରବିନାରାୟଣ ମିଶ୍ର, ଦେବାଶିଷ ପ୍ରଧାନ, ଦିଲୀପ ପୃଷ୍ଟି, ସୁବୋଧ ରାଉତ ପ୍ରମୁଖ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।


ନୃସିଂହ ଗୁରୁ ପାର୍କ ସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷାବିତ୍, ବୁଦ୍ଧିଜୀବୀ।

# ସଂସ୍କୃତି, ପରମ୍ପରାର ମାଧ୍ୟମ ହେଉଛି ଦୋଳ ଉତ୍ସବ

କୁଚିଣ୍ଡା,୨୪।୩(ବିରଞ୍ଚି ଦର୍ଵା)


ଯାଦବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଉଛି।

ସମ୍ବଲପୁର ଜିଲା କୁଚିଣ୍ଡା ଯାଦବ ଭବନଠାରେ ରବିବାର ସମ୍ବଲପୁର ଜିଲା ଯାଦବ କଲ୍ୟାଣ କମିଟି ପକ୍ଷରୁ ଦୋଳ ଉତ୍ସବ ଓ ଯାଦବ ପ୍ରତିଭା ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଭଗବାନ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା ପୂଜକ ସାଲେଗ୍ରାମ ପାଣିଗ୍ରାହୀଙ୍କ ଦ୍ୱାରା କରାଯାଇଥିଲା। ପରେ ଜିଲା ସଭାପତି ତଥା ଉତ୍କଳ ଯାଦବ ମହାସଭାର ସାଧାରଣ ସମ୍ପାଦକ ବିରଞ୍ଚି ଦର୍ଵାଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲା ଉପଦେଷ୍ଟା ଖୁସିରାମ କଉଡି ମୁଖ୍ୟ ଅତିଥି, କବିତା ଦଣ୍ଡପାଟ ମୁଖ୍ୟବକ୍ତା, ଉପସଭାପତି ସନାତନ ଭଇଁଷା, ମଦନମୋହନ ଭଇଁଷା, ବସନ୍ତ କଉଡି, ସମ୍ପାଦକ ସରୋଜ ପରୁଆ, ରାଜ୍ୟ ମହିଳା ଶାଖା ସମ୍ପାଦିକା ଚିନୁପମା ଭଇଁଷା, ବ୍ଲକ ସଭାପତି ପରମାନନ୍ଦ ଷଣ୍ଢ, କୁମରମଣି ପରୁଆ, ଜନ୍ନା ବାଘ, ଏନଏସି ସଭାପତି ସୁରେନ୍ଦ୍ର ରାଉତ, ପ୍ରଶାନ୍ତ ରାଉତ, ପଙ୍କଜ ହଂସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯାଦବ ସମାଜର ସଂସ୍କୃତି ଓ ପରମ୍ପରାର ମାଧ୍ୟମ ହେଉଛି ଦୋଳ ଉତ୍ସବ। ଏହା ଦ୍ୱାରା ସମାଜ ସଙ୍ଗଠନ ସୁଦୃଢ଼ ହେବାସହ ଏକ ସଦ୍‌ଭାବନା ବାତାବରଣ ସୃଷ୍ଟି ହେଉଥିବା ଅତିଥିଗଣ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଚନ୍ଦନିମାଲ ହାଇସ୍କୁଲ ଶିକ୍ଷକ ଦେବାନନ୍ଦ କର୍ସେଲ ଓ ଅର୍ଡାବାହାଲ ସରକାରୀ ବାଳିକା ହାଇସ୍କୁଲ କ୍ରୀଡା ଶିକ୍ଷକ ଚନ୍ଦନ କୁମାର ମାକରଙ୍କୁ 'ଯାଦବ କୁଳ ଗୌରବ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏତଦ ବ୍ୟତୀତ ୨୦୨୩ ମାଟ୍ରିକ ଓ ଯୁକ୍ତଦୁଇ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ୨୮ଜଣ ଯାଦବ ଛାତ୍ରୀଛାତ୍ରଙ୍କୁ 'ଯାଦବ ପ୍ରତିଭା ସମ୍ମାନ'ପ୍ରଦାନ କରାଯାଇଥିଲା। ଯୁବ ସଙ୍ଗଠକ ଡୋଳାମଣି ଷଣ୍ଢ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସାଧାରଣ ସମ୍ପାଦକ ଦେବାନନ୍ଦ କର୍ସେଲ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପିଣ୍ଟୁ ରକ୍ସା, ତ୍ରିଲୋଚନ ଭଇଁଷା, ଟିଙ୍କୁ ଭଇଁଷା, ଦୀପକ ଖର୍ସେଲ, ଲିଙ୍କନ ଦର୍ଵା, ଅଶୋକ ପରୁଆ ପ୍ରମୁଖ ସହଯୋଗ କରିଥିଲେ।

